ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ ୨୦୧୭ ସଂସ୍କରଣ

୪



ବାର୍ଦ୍ଧକ୍ୟ

ହେ ମହାତ୍ମା

ପାଷାଣି ନାୟିକା

ସମସ୍ତ ସମୟର କଥା

ନିର୍ବାଚନର ବେଳା

ଉପାଧିର ଉପକ୍ରମ

ଚାର୍ଲସ୍ ଡିକେନ୍ସ

ମହେନ୍ଦ୍ରଗିରି - ବିହଙ୍ଗାବଲୋକନ

http://www.appsgeyser.com/4368717

# ଆହ୍ୱାନ

**ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା**

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଦୂରଭାଷ - ୯୦୪୦୯୮୫୪୬୩, ଇମେଲ୍ - aahwaan@gmail.com

http://www.appsgeyser.com/4368717

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରେନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

http://www.appsgeyser.com/4368717

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ ଡାଉନଲୋଡ଼ କରନ୍ତୁ ।

ନିମ୍ନରେ ଦିଆଯାଇଥିବା ଲିଙ୍କ ଉପରେ କ୍ଲିକ୍ କରନ୍ତୁ, କିମ୍ବା ଉପରେ ଦିଆଯାଇଥିବା କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତୁ ।

ଧନ୍ୟବାଦ

**http://www.appsgeyser.com/4368717**

http://www.appsgeyser.com/4368717

# ସୂଚୀପତ୍ର

ସମ୍ପାଦକଙ୍କ ଲେଖନୀରୁ ୮

*ପ୍ରେମ ଓ ପ୍ରତାରଣା* ୧୨
ପ୍ରଶାନ୍ତ କୁମାର ନାଥ

*ବାର୍ଦ୍ଧକ୍ୟ* ୧୩
ବରୁଣ କୁମାର ଦାସ

*ଉପାଧିର ଉପକ୍ରମ* ୧୪
ଡା ସୌମ୍ୟରଞ୍ଜନ ମିଶ୍ର

*ମହେନ୍ଦ୍ରଗିରି : ବିହଙ୍ଗାବଲୋକନ* ୧୬
ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

*ହେ ମହାତ୍ମା* ୨୬
ଅନାମ ଚରଣ ସାହୁ

*ମୋ ଠାକୁରେ* ୨୯
ଆଶୁତୋଷ ମେହେର

*ସେବକ ନେତା (ସମ୍ବଲପୁରୀ)* ୩୧
ଆଶୁତୋଷ ମେହେର

*ଗର୍ଲ୍ସ ଡିଫେନ୍ସ* ୩୩
ସୁଶାନ୍ତ ପୁରୋହିତ

*ପାଷାଣି ନାୟିକା* ୪୨

ଦୀପକ ଷଡ଼ଙ୍ଗୀ

*ସମୟ ସମୟର କଥା* ୪୩

ଶାରଦା ପ୍ରସାଦ ପରିଡ଼ା

*ନିର୍ବାଚନର ବେଳା* ୪୬

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

*କର୍ଣ୍ଣ ପ୍ରୟାଗ* ୪୯

ସୁଶାନ୍ତ ପୁରୋହିତ

*ଦୁଇ ସମୟ* ୫୧

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

*କେମିତି ବାଛିଲୁ* ୫୩

ଲୀନା ମହାନ୍ତି

*କିପରି କହିବି* ୫୪

ନୃସିଂହ ଚରଣ ବେହେରା

*ସ୍ମୃତି କଥା (ଅନୁବାଦ)* ୫୬

ସନାତନ ମହାକୁଡ଼

*ନିର୍ବାଚନ ଖେଳ* ୫୭

ପ୍ରଶାନ୍ତ କୁମାର ନାଥ

http://www.appsgeyser.com/4368717

ଓଡ଼ିଆଗୁରୁ ଓଡ଼ିଆ ବ୍ଲଗ୍ ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ।

ନିମ୍ନରେ ଦିଆଯାଇଥିବା ଲିଙ୍କ ଉପରେ କ୍ଲିକ୍ କରନ୍ତୁ, କିମ୍ବା ଉପରେ ଦିଆଯାଇଥିବା କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତୁ ।

ଧନ୍ୟବାଦ

**http://www.appsgeyser.com/4251312**

# ସମ୍ପାଦକଙ୍କ ଲେଖନୀରୁ



ଆହ୍ୱାନ ଇ-ପତ୍ରକାର ଚଳତ ମାସର ସଂସ୍କରଣ ଆପଣମାନଙ୍କୁ ଉପହାର ଦେବା ବେଳକୁ ସଂପାଦକୀୟ କଣ ଲେଖିବ ତାହା ଖୋଜ ବସିଲ । ଜାତୀୟ ଏବଂ ରାଜ୍ୟ ସ୍ତରୀୟ ଅନେକ ଘଟଣାକୁ ଅନୁଧାନ କରବା ପରେ ଯାହା ମୋତେ ମନକୁ ଭଲ ଲାଗିଲା ସେ ସବୁକୁ ଏଠାରେ ଉପସ୍ଥାପନ କରବା ପୂର୍ବରୁ ଆପଣମାନଙ୍କ ସୂଚନା ପାଇଁ ଜଣାଇ ଦେବାକୁ ଉଚତ ମନେ କରୁଛ, ଯେ ବଗତ ବାର ବର୍ଷ ଧର ଅନବରତ ଭାବରେ ଏହ ପତ୍ରକାକୁ ପ୍ରକାଶିତ କର ଆସିଥିବା ହେତୁ ମୁଁ ନଜକୁ ଧନ୍ୟ ମନେ କରୁଛ ଏବଂ ଏହାର ସମସ୍ତ ଶ୍ରେୟ ଆପଣମାନଙ୍କୁ ଯାଏ । କାରଣ ଏହ ପତ୍ରକାର ପ୍ରକାଶନ ପଛରେ ରହଛ ଆପଣଙ୍କ ପର ପାଠକ ଏବଂ ଲେଖକମାନଙ୍କ ସହାୟତା ଏବଂ ଆଶୀର୍ବାଦର ସ୍ରୋତ ।

୨୦୦୬ ମସିହା ଫେବୃଆରୀ ଛଅ ତାରଖ ସରସ୍ୱତୀ ପୂଜା ଦନ ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା, ଏହା ପରେ ଏହା ପାଠକ ଓ ଲେଖକଙ୍କ ପୃଷ୍ଠପୋଷକତାକୁ ପାଥେୟ କର ଦନକୁ ଦନ ଉନ୍ନତର ପଥରେ ଅଗ୍ରସର ହୋଇଛ । ଏହ ସଂସ୍କରଣ ପ୍ରକାଶନ ହେଉଥିବା ବେଳେ ଆମେ ଆହ୍ୱାନକୁ ଆଉ କେଇ ପାଦ ଆଗକୁ ନେଇ ଯିବାକୁ ଚେଷ୍ଟା କରୁଛୁ । ଏହ ସଂସ୍କରଣ ପ୍ରଥମଥର ଆହ୍ୱାନ ଇ-ପତ୍ରକାର ଆଣ୍ଡ୍ରଏଡ଼ ଆପ୍‌ରେ ପ୍ରକାଶିତ ହେଉଛ । ଓଡ଼ିଆ ଅନଲାଇନ୍ ପତ୍ରକା କ୍ଷେତ୍ରରେ ମୋବାଇଲ୍ ପାଇଁ ଉଦ୍ଦିଷ୍ଟ ଆପ୍ ପ୍ରକାଶନ କରବାରେ ଆହ୍ୱାନ ପ୍ରଥମ ବୋଲ ପ୍ରମାଣିତ ହେଉଛ । ଏହା ଆପଣଙ୍କ ସ୍ନେହ, ସଦଚ୍ଛା ଏବଂ ଆହ୍ୱାନ ପ୍ରତ ଥିବା ଆଦରକୁ ଦର୍ଶାଉଛ । ଆଗାମୀ ଦନରେ ଆମେ ଏହ ଆପ୍ ମାଧ୍ୟମରେ ଆପଣଙ୍କ ଲେଖା ସଂଗ୍ରହ କରବାକୁ ସମର୍ଥ ହେବୁ ବୋଲ ଚେଷ୍ଟା କରୁଛୁ । ଆପଣଙ୍କ ହାତଲେଖାକୁ ଆପଣ ନଜ ମୋବାଇଲ୍ କ୍ୟାମେରା ବ୍ୟବହାର କର ସିଧା

http://www.appsgeyser.com/4368717

ଆମ ଆପ୍‌ରେ ଉପସ୍ଥାପନ କରପାରିବେ । ଏହା ଆପଣଙ୍କୁ ଆହ୍ୱାନ ପତ୍ରିକାସହ ସିଧା ସଳଖ ଯୋଡ଼ିବାରେ ସମର୍ଥ କରିବ ।

ଚଳିତ ମାସ ହେଉଛି ଭାରତର ଅନେକ ରାଜ୍ୟରେ ନିର୍ବାଚନର ସମୟ । ଉତ୍ତରପ୍ରଦେଶ, ରାଜସ୍ଥାନ ଆଦି ସ୍ଥାନରେ ନିର୍ବାଚନ ହେତୁ ଅନେକ ପରିବର୍ତ୍ତନ ଏବଂ ରାଜନୈତିକ ସମୀକରଣ ଦେଖିବାକୁ ମିଳିଛି । ରାଜନୀତିରେ ସବୁକିଛି ସମ୍ଭବ ବୋଲି ଯାହା କୁହାଯାଏ, ତାହା ଏବେ ଦେଖିବାକୁ ମିଳୁଛି । ପାରମ୍ପରିକ ଶତ୍ରୁ ମାନେ ମଧ୍ୟ ରାଜନୀତି କରିବା ପାଇଁ ବନ୍ଧୁତ୍ୱ କରିବାକୁ ପଛୁଉନାହାନ୍ତି । ଓଡ଼ିଶାରେ ମଧ୍ୟ ପଞ୍ଚାୟତ ନିର୍ବାଚନ ଚାଲିଛି । ନିର୍ବାଚନ ପୂର୍ବରୁ ବିମୁଦ୍ରୀକରଣ ପରି ଏକ କଠିନ ପଦକ୍ଷେପ ନେଇ ଭାରତୀୟ ଜନତା ପାର୍ଟି କିଛି ଲୋକପ୍ରିୟତା ହରାଇଥିବା ନିଶ୍ଚିତ । ତଥାପି ଏହି ନିର୍ବାଚନରେ ସମସ୍ତ ଦଳ ତରଫରୁ ଜୋରଦାର ପ୍ରଚାର କରାଯାଉଥିବା ଦେଖାଯାଉଛି । ଆଶା କରୁଛି, ନିର୍ବାଚନରେ କିଛି ପରିମାଣର ସ୍ୱଚ୍ଛତା ଆସିବ । ଅବଶ୍ୟ ଟିଭିରେ ବର୍ତ୍ତମାନ ମଧ୍ୟ ଭୋଟରମାନଙ୍କୁ ଟଙ୍କା ଓ ମଦ ବଣ୍ଟନ ହେଉଥିବା ଦୃଶ୍ୟ ଦେଖାଯାଉଛି । ଗାଁ ଗହଳିରେ ତଥାପି ଲୋକମାନେ ଏହିପରି ସବୁ ଉପାୟରେ ଭୋଟ ଦେଉଥିବା କଥା ଶୁଣିବା ପରେ ମନେ ହେଉଛି, ଆମେ କେବେ ସୁଧୁରିବାନି ।

ଚଳିତ ମାସରେ ଆଉ ଏକ ଉଲ୍ଲେଖନୀୟ ଘଟଣାଚକ୍ରରେ ତାମିଲନାଡୁର କାମଚଳା ମୁଖ୍ୟମନ୍ତ୍ରୀ ଓ ପନୀରସେଲ୍‌ଭମ୍‌ଙ୍କୁ ନିଜ ପଦବୀରୁ ତାଙ୍କ ଅନିଚ୍ଛାସତ୍ତ୍ୱେ ଇସ୍ତଫା ଦେବାପାଇଁ କୁହାଯାଇଥିଲା ବୋଲି ସେ ଦାବୀ କରିବା ସହ, ବର୍ତ୍ତମାନ ଏଆଇଏଡ଼ିଏମ୍‌କେ ର ଜେନେରାଲ୍ ସେକ୍ରେଟାରୀ ଶଶିକଳାଙ୍କ ମୁଖ୍ୟମନ୍ତ୍ରୀ ପଦବୀ ଅଭିଷିକ୍ତ କରିବା ଅଭିଳାଷ ଘଟଣାକୁ ନେଇ ରାଜନୈତିକ ଘଟଣାଚକ୍ର ବାରମ୍ବାର ବଦଳୁଛି । ସୂଚନାଯୋଗ୍ୟ ଯେ, କିଛି ଦିନତଳେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଓ ପନୀରସେଲ୍‌ଭମ୍ ନିଜ ପଦରୁ ଇସ୍ତଫା ନେବା ନେଇ ପତ୍ର ରାଜ୍ୟପାଳଙ୍କୁ ଦେଇଥିଲେ । ମାତ୍ର ଏହାର କିଛି ସମୟ ପରେ ସେ ଦାବୀ କରିଥିଲେ ଯେ ତାଙ୍କୁ ଏଥିପାଇଁ ବାଧ୍ୟ କରାଯାଇଥିଲା ଏବଂ ସେ ନିଜ ଅନିଚ୍ଛାରେ ଏହି କାର୍ଯ୍ୟ କରିଛନ୍ତି । ସେ ଆହୁରି ମଧ୍ୟ ଦାବୀ କରିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ଜୟଲଳିତାଙ୍କ

ଶେଷ ଅବସ୍ଥାରେ ସେ ଯେତେବେଳେ ଆପୋଲୋ ହସପିଟାଲରେ ଚିକିତ୍ସାରତ ଥିଲେ ସେହି ସମୟରେ ସେ ପ୍ରତିଦିନ ଆମ୍ମାଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବା ପାଇଁ ହସପିଟାଲ୍ ଯାଇଥିବା ବେଳେ ତାଙ୍କୁ ଥରୁଟିଏ ହେଲେ ଆମ୍ମାଙ୍କ ସହ ମିଶିବାକୁ ଦିଆଯାଇ ନଥିଲା । ପୁଣି ଶଶିକଳା ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା ହେବାପରେ ପରେ ଆପୋଲୋ ହସ୍ପିଟାଲ ତରଫରୁ ଏକ ସମ୍ବାଦଦାତା ସମ୍ମିଳନୀ ଡକାଯାଇ ଆମ୍ମାଙ୍କ ମୃତ୍ୟୁର କାରଣ ସଂକ୍ରମଣ ବୋଲି ଜଣାଇ ଦିଆଯାଇଥିଲା । ଏହାକୁ ଅନେକ ସନ୍ଦେହରେ ଦେଖିଛନ୍ତି । ହଠାତ୍ ଏମିତି ସମ୍ବାଦଦାତା ସମ୍ମିଳନୀ କାହିଁକି ଡକାଗଲା ବୋଲି ଅନେକେ ପ୍ରଶ୍ନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା କୌଣସି ରାଜନୈତିକ ସମୀକରଣ ସୃଷ୍ଟି ହୋଇନଥିବା ବେଳେ ଏଆଇଏଡ଼ିଏମ୍‌କେ ଦଳ ବର୍ତ୍ତମାନ ଦୁଇ ଭାଗରେ ବିଭକ୍ତ ହେବାପରି ଲାଗୁଛି । ଏବଂ ଉଭୟ ପନୀରସେଲ୍‌ଭମ୍ ଏବଂ ଶଶିକଳା ନିଜ ନିଜର ବହୁମତ ଜଣାଇ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ଦାବୀ କରିଛନ୍ତି । ଶଶିକଳା ପରୋକ୍ଷରେ ଧମକ ଦେଇଛନ୍ତି ଯେ ଯଦି ରାଜ୍ୟପାଳ ଶୀଘ୍ର ତାଙ୍କୁ ମୁଖ୍ୟମନ୍ତ୍ରୀ ବୋଲି ଘୋଷଣା କରନ୍ତି ନାହିଁ, ତେବେ ସେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ । ରାଜନୈତିକ ରଣାଙ୍ଗନରେ ଚୌକିର ମହାତ୍ମ୍ୟ କେତେ ତାହା ଏହି ଘଟଣାଚକ୍ରରୁ ସ୍ପଷ୍ଟ ଅନୁମାନ କରି ହେଉଛି ।

ଶେଷରେ ଗୋଟିଏ ଛୋଟ ଘଟଣା ବିଷୟରେ ଲେଖୁଛି, ହୁଏତ ଅନେକେ ଏମିତି ଘଟଣାର ସମ୍ମୁଖୀନ ହୋଇଥିବେ । ଆଜି ସନ୍ଧ୍ୟାରେ ଗୋପାଳପୁର ସମୁଦ୍ରକୂଳରେ ବୁଲୁଥିବା ବେଳେ ଏକ ଛୋଟ ହୋଟେଲରେ କିଛି ଖାଦ୍ୟ ଖାଇବା ଆଶାରେ ପହଞ୍ଚିବା ବେଳକୁ ଆମ ସମ୍ମୁଖରେ ବସିଥିବା ଜଣେ ଝିଅ ବହୁତ ଚିନ୍ତିତ ଦେଖାଯାଉଥିଲେ । ନିଜର ଚିନ୍ତାକୁ ସେ ଧରି ନ ରଖି ଜଣାଇଥିଲେ ଯେ ପାଖ ଚେୟାରରେ ବସିଥିବା କିଛି ଯୁବକ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି । ଆଶ୍ଚର୍ଯ୍ୟର କଥା ହେଲା ସେ ସବୁ ତାଙ୍କଠାରୁ ବୟସରେ ସାନ ଥିଲେ । ଗଞ୍ଜାମ ଜିଲ୍ଲାର ପ୍ରମୁଖ ବେଳାଭୂମି ଗୋପାଳପୁର ବିଗତ ଦଶନ୍ଧିରେ ଅନେକ ଉନ୍ନତି କରିଛି, ଏହାର ପ୍ରଚାର ଓ ପ୍ରସାର ହେତୁ ଦିନକୁ ଦିନ ଅଧିକରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ଏବଂ ଏହି ପ୍ରକାରର ଘଟଣାମାନ କେବଳ ସେମାନଙ୍କୁ ନିରୁତ୍ସାହିତ କରିବ ନାହିଁ, ବରଂ ସେମାନେ ଅନ୍ୟମାନଙ୍କୁ ନିରୁତ୍ସାହିତ କରିବେ ଏଠାକୁ ନ ଆସିବା ପାଇଁ । ଅବଶ୍ୟ

http://www.appsgeyser.com/4368717

ଆମର ହସ୍ତକ୍ଷେପପରେ ସେଇ ପିଲାମାନେ ସ୍ଥାନ ଛାଡ଼ିଦେଇ ଚାଲିଯାଇଥିଲେ, କିନ୍ତୁ ଏଠାରେ କଥା ଉଠୁଛି ଏହି ସବୁ ଘଟଣା କାହିଁକି ହେଉଛି ?

ଯଦି ଆମେ ଏହି ଅଞ୍ଚଳରେ ପର୍ଯ୍ୟଟନର ଉନ୍ନତି କରିବା ତା ହେଲେ ସ୍ଥାନୀୟ ଲୋକଙ୍କର ସହାୟତା ଓ ସହଭାଗୀତାରେ ହିଁ କରିପାରିବା, ଅଥଚ ଏହିପରି ଘଟଣା ଘଟୁଥିବା ବେଳେ ସ୍ଥାନୀୟ ଲୋକମାନେ କୌଣସି ପଦକ୍ଷେପ ନେଉନାହାନ୍ତି, ଏବଂ କିଛି ଖଳ ପ୍ରକୃତିର ବ୍ୟକ୍ତିଙ୍କ ପାଇଁ ସମୁଦାୟ ଅଞ୍ଚଳ ଅପଦସ୍ତ ହେଉଛି । ଆମେ ଉନ୍ନତି କରିବା କାହିଁକି ? ଲୋକମାନେ ସୁଦୂର ଗୋଆ ଯାଉଛନ୍ତି, ଯେତେବେଳେ କି ଆମ ନିକଟରେ ମଧ୍ୟ ସେହି ସବୁ ସୁବିଧା ରହିଛି । ଏହାର ଏକ ମାତ୍ର କାରଣ ହେଉଛି ସେଠାକାର ପରିବେଶ । ଆମେ ଯଦି ସୁଧୁରିବା ନାହିଁ, ତା ହେଲେ କେହି ଆମ ଉପରେ ବିଶ୍ୱାସ କରିବ କାହିଁକି ? ସୂଚନାଯୋଗ୍ୟ ଯେ ସରକାରୀ ସ୍ତରରେ ଏହି ବେଳାଭୂମିର ଉନ୍ନତି ହେତୁ ଅନେକ ପଦକ୍ଷେପ ନିଆଯାଉଛି, ପ୍ରତି ରବିବାର ଦିନ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି, ବେଳାଭୂମିରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି, କିନ୍ତୁ ଯେତେଦିନ ଯାଏଁ ଆମେ ସ୍ଥାନୀୟ ଲୋକଙ୍କ ସହାୟତା ପାଇବା ନାହିଁ, ଏହା ସଫଳ ହେବ ନାହିଁ । ଆଶା କରୁଛି, ଏହିପରି ଘଟଣାମାନ ବନ୍ଦ କରିବା ଦିଗରେ ସ୍ଥାନୀୟ ପ୍ରଶାସନ ଏବଂ ଅଧିବାସୀମାନେ ଆଗଭର ହେବେ ଏବଂ ଆମର ରାଜ୍ୟକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ ।

ଚଳିତ ମାସର ସଂସ୍କରଣ ଆପଣମାନଙ୍କୁ ଭେଟି ଦେଉଛି । ଆଶା କରୁଛି ଆପଣମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

http://www.appsgeyser.com/4368717

# ପ୍ରେମ ଓ ପ୍ରତାରଣା



ପ୍ରଶାନ୍ତ କୁମାର ନାଥ

ମୁଁ ତୁମର ସବୁ କଥାକୁ
ଅନ୍ଧ ପର ମାନ ନେଉଥିଲ
ସେଇଟା ନଥିଲ୍ ମୋର ଅକ୍ଷମତା,
ତାହା ଥିଲ୍ ମୋର ତୁମ ପ୍ରତ
ଭଲ ପାଇବା ଓ ଆନ୍ତରକତା ।
ତୁମ ସାଥେ ଏତେ ଦନ ରହଲ୍ ପରେ
ମୁଁ ତୁମକୁ ବୁଝି ପାରଲନ
ବୁଝିବାକୁ ବାକ ରହଗଲ,
ମୋ ଭଲ ପାଇବାର ଫଳ ସ୍ୱରୁପ
ଆଜ ହୃଦୟଟା ଜଳଗଲ୍ ।
ତୁମ ଛୋଟ ଛୋଟ ସନ୍ଦେହ ପାଇଁ
ମୁଁ ଛାଡ଼ି ଦେଇଥିଲ ସବୁକଛ
ଖାସ୍ ତୁମ ଖୁସି ପାଇଁ,
କନ୍ତୁ ଆଜ ତୁମେ ମୋତେ ଏମିତ ଜାଗାରେ
ଛାଡ଼ିଗଲ ଭାବଲନ ଥରେ
ବଂଚବ କେମିତ ମୁହିଁ ।
ଆଜ ଯାଏଁ କେବେ କହନାହିଁ ତୁମକୁ
ତୁମେ କାହିଁକ ଏମିତ ଭୁଲ୍ କଲ
ତେଣୁ ଆଜବ କହୁଛ ସେହ କଥା
ତୁମକୁ ଭଲ ପାଇବାଟା ଭୁଲ ଥିଲ୍ ମୋର
ଯେଉଁଥି ପାଇଁ ଦେଇଗଲ ତୁମେ ଦୁଃଖ ଜହର ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତପୁର, ଯାଜପୁର, ଓଡ଼ିଶା
ମୋ-୦୮୮୯୨୩୦୧୧୪୩

http://www.appsgeyser.com/4368717

# ବାର୍ଦ୍ଧକ୍ୟ



ବରୁଣ କୁମାର ଦାସ

ବୟସର ବୋଝ ଉପରେ
ରେଗବ୍ୟାଧି
ନଳତା ବଢ଼ା ।
ଅପରଚତ
ସବୁ ରକ୍ତ ସମ୍ପର୍କ
ଜଘପଦ ବ୍ୟବଧାନରେ ।
ଭଙ୍ଗା ଖଟକୁ
ଜାବୁଡ଼ି ଧରଛ
ଅଲୋଡ଼ା ଶରୀର ।
ପୀଡ଼ା, ବ୍ୟାଧି ଆଉ
କଫ କାଶ ବଳୟରେ
ଔଷଧ ସବୁ ବାଟବଣା
ବଢୁଛି ଗ୍ତର ଚେହେର୍ ।
ଅଭଶାପ, ଗଂଜଣା ଆଉ
ଅପମାନ ଭତରେ
ଗ୍ସ୍ତା ପାଉନ ମରଣ ।

ଇମେଲ୍ - barunkumardas1@gmail.com

http://www.appsgeyser.com/4368717

# ଉପାଧିର ଉପକ୍ରମ



ଡା ସୌମ୍ୟରଞ୍ଜନ ମିଶ୍ର

ଶନିବାର, ମୁଁ ଟିକେ ମାଡ଼ିଗଲି ସୁଦର୍ଶନ ଘର ଆଡ଼େ ଖୁସି ଖବରଟା ଦେବାକୁ । ତା'ଘରେ ପହଞ୍ଚିଲା ବେଳକୁ ସେ ବାହାରେ ବସି ଖବର କାଗଜ ପଢୁଛି । ମୋତେ ଦେଖି ଭାରି ଖୁସି ହୋଇଗଲା ଆଉ ଗୋଟାଏ ଚଉକି ମୋ ପାଇଁ ଘର ଭିତରୁ ଉଠାଇ ଆଣିଲା । ସେ କିଛି କହିବା ଆଗରୁ ମୁଁ କହି ପକାଇଲି - ଜାଣିଛୁ ଓଡ଼ିଶାରୁ ଏଥର ଚାରି ଚାରିଜଣ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ? ସେମାନଙ୍କ ମଧ୍ୟରେ ଜଣେ ଡାକ୍ତର ବି ଅଛନ୍ତି ! ସେ ମୋତେ ଟିକେ ଚାହିଁଲା ଆଉ ବିଦ୍ରୁପ କରି କହିଲା - ଗଣିତରେ ତୁମେ ପୁରା ଫେଲ୍ ଭାଇନା । ଏଥର ଓଡ଼ିଶାରୁ ତିନିଜଣ ପଦ୍ମ ପୁରସ୍କାର ପାଇଛନ୍ତି । ମୁଁ ଚିନ୍ତାକଲି ବୋଧହୁଏ ସୁଦର୍ଶନର ମତିଭ୍ରମ ହୋଇଛି । ହଇହୋ, ଖବର କାଗଜରେ, ଟିଭି ନ୍ୟୁଜରେ ସବୁଠି ଓଡ଼ିଶାରୁ ଚାରି ଚାରିଜଣ ପୁରସ୍କାର ପାଇଥିବା କଥା ଚର୍ଚ୍ଚା ହେଉଛି, ଆଉ ଏଇ ସୁଦର୍ଶନ ତିନିରେ ହିଁ ଅଟକି ଯାଇଛି ? ଗତକାଲିର ଖବର କାଗଜଟା ଆଣ ବୋଲି କହିବା ପୂର୍ବରୁ ମୋ ଆଡ଼କୁ ଖବର କାଗଜଟା ବଢ଼ାଇ ଦେଲା ସେ । ହେଇପରା ଚାରିଜଣଙ୍କର ଫଟୋ ସହ ଖବର ବାହାରିଛି, ଗାଲୁଆଟା କରେ ! ଏତିକି କହି ତା ଆଡ଼କୁ ଚାହିଁଲି ।

ସେ ହସିଦେଇ କହିଲା, ଭାଇନା ବୁଝିଲ ଏଇଟା ଖବର କାଗଜ କହୁଛି, କିନ୍ତୁ ସରକାରୀ କାଗଜ ଅଲଗା କଥା କହୁଛି । ମୁଁ ପରା ଭାରତ ସରକାରଙ୍କ ୱେବ୍‌ସାଇଟ୍ ଦେଖିଛି । ଯେଉଁ ଡାକ୍ତରଙ୍କ କଥା ତୁମେ କହୁଛନ୍ତି ସେ ପରା ଚଣ୍ଡିଗଡ଼ର ବୋଲି ଲେଖାଅଛି । ସୁଦର୍ଶନ

ତା ହେଲେ ଏତେ ଭିତରକୁ ପଶି ଘଣ୍ଟାଘଣ୍ଟି କରୁଛ ? ମନେ ମନେ ତାକୁ ତାରିଫ୍ କରିଲି । କିନ୍ତୁ ଉପରେ ଉପରେ କହିଲି, ଯେତେ ହେଲେ ଆମ ଓଡ଼ିଆ ପୁଅ କି ନାହିଁ କହ ! ଯେଉଁଠି ଥିଲେ ବି ଓଡ଼ିଆ ମାଟିର ଗର୍ବ ଓ ଗୌରବ । ସୁଦର୍ଶନ କଥା ଛଡ଼ାଇନେଇ କହିଲା, "ହେଲା ଯେ, ହେଲେ ସେ ଯେଉଁ ସମୟରେ ପଦ୍ମ ପୁରସ୍କାରଟା ପାଇଲେ ତାହା ତାଙ୍କର ସବୁ ଅଧିବସାୟ ଓ ପ୍ରଜ୍ଞାକୁ ଘୋଡ଼ାଇ ଦେଲା । ଗୋଟାଏ ବର୍ଷ ଆଗରୁ ବା ଗୋଟାଏ ବର୍ଷ ପରେ ପାଇଥିଲେ କଥାଟା ଦୁସରା ହୋଇଥାନ୍ତା ।" ସେ କେଉଁ ଆଡ଼କୁ ଇଙ୍ଗିତ କରିଥିଲା ମୁଁ ସ୍ପଷ୍ଟ ବୁଝିଗଲି ।

ଦେଖ ବାବୁ, ଏ ସବୁ ପୁରସ୍କାର ଦେଇଥାନ୍ତି ସରକାର । ଏଠି ସରକାର କହିଲେ ଆମେ ତମେକୁ ବୁଝାଏ ନାହିଁ, ବୁଝାଏ କ୍ଷମତାକୁ । ଆଉ ତୁ ତ ଜାଣିଛୁ ଭାଗ୍ୟମ୍ ଫଳତି ସର୍ବଦା, ନ ଚ ବିଦ୍ୟା ନ ଚ ପୌରୁଷମ୍ । ସାମାଜିକ ସେବାପାଇଁ ଏମିତି ପୁରସ୍କାର ପାଇ ପାରିବୁ । ଅଧିବସାୟ ଗୁଲୁରଖ । ଗ୍ରହମଣ୍ଡଳରେ ପାଗଯୋଗ ଭଲ ରହିଲେ, ତୋ ନାଁ ପୂର୍ବରୁ ବି ଉପାଧି ଜୋଡ଼ି ହୋଇଯିବ । ଏତିକି କହି ସ୍ମିତହାସ୍ୟ ମାରିଲି ମୁଁ । ସେ ବି ଛାଡ଼ିବା ଜନ୍ତୁ ନୁହେଁ । କହିଲା, "ଭାଇନା, ଯେଉଁଦିନ ମୁଁ ଉପାଧି ପାଇବି, ସେଦିନ ଦେଖିବା, ହେଲେ ଆଜି ରାତିରେ ତୁମେ ମୋତେ ବାହାରେ ଖୁଆଇବ । ଯେତେହେଲେ ତୁମେ ମୋ ଠାରୁ ବଡ଼ କି ନୁହଁ ? ମୋ ଆଗରୁ ତୁମେ କିଛି ଗୋଟେ ପୁରସ୍କାର ପାଇବାର ସମ୍ଭାବନା ବେଶୀ କି ନାହିଁ ?"

ହଉ, ଶୀତ ଏବେ ବି ପଡୁଛି । ବେଳାବେଳି ଆସିଯିବୁ । ଏତିକି କହି ମୁଁ ତା'ଘରୁ ପ୍ରସ୍ଥାନ କଲି । ଘରେ କଣ ବାହାନା କରିବି, ବିକଳ୍ପ ରାସ୍ତାରେ ଖୋଜୁଥିଲି ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବଜୀୟୁ
କେନ୍ଦ୍ରାପଡ଼ା, ୭୫୪୨୧୨
ଦୂରଭାଷ - ୯୯୩୭୭୩୭୪୩୪୨
ଇମେଲ୍ - dr.srmishra@gmail.com

ଦ୍ୱାଦଶ ବର୍ଷ, ଦ୍ୱିତୀୟ ସଂଖ୍ୟା, ଫେବୃଆରୀ ୨୦୧୭



http://www.appsgeyser.com/4368717

# ମହେନ୍ଦ୍ରଗିରି : ବିହଙ୍ଗାବଲୋକନ



ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

## *ମହେନ୍ଦ୍ରଗିରି : ପୌରାଣିକ, ଐତିହାସିକ ଏବଂ ଜୈବବିବିଧତାର ସଙ୍ଗମସ୍ଥଳୀ*

ପ୍ରତ୍ୟେକ ବର୍ଷ ଫେବୃଆରୀ ମାସରେ ପବିତ୍ର ଶିବରାତ୍ରୀ ଉପଲକ୍ଷେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମହେନ୍ଦ୍ରଗିରିସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ଦର୍ଶନ କରିବା ପାଇଁ ସମାଗମ ହୋଇଥାନ୍ତି । ଲୋକକଥା ଅନୁଯାୟୀ ଏହି ଶିବରାତ୍ରୀ ଦିନ ଗୋକର୍ଣ୍ଣେଶ୍ୱରଙ୍କର ଦର୍ଶନ କଲେ ସାତ ଜନ୍ମର ପାପ କ୍ଷୟ ହୋଇ ପୂଣ୍ୟ ମିଳିଥାଏ । ମହେନ୍ଦ୍ରଗିରି ପର୍ବତମାଳା ଓଡ଼ିଶାର ଦକ୍ଷିଣରେ ଆନ୍ଧ୍ରପ୍ରଦେଶର ସୀମାନ୍ତ ଅନେକ ଜିଲ୍ଲାରେ ବ୍ୟାପୀ ରହିଛି । ଏହି ପର୍ବତମାଳାର ଅନେକ ବିଶେଷତ୍ୱ ମଧ୍ୟରେ ଏହା ମାତ୍ର ଗୋଟିଏ ।

ବିଭିନ୍ନ ଔଷଧିୟ ବୃକ୍ଷଲତା, ପଶୁପକ୍ଷୀ ଏବଂ ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ମହେନ୍ଦ୍ରଗିରି । ଇତିହାସ ଏବଂ ପୁରାଣରେ ଏହି ସ୍ଥାନର ଗୁରୁତ୍ୱ ଅତ୍ୟନ୍ତ ନିଖୁଣଭାବରେ ବର୍ଣ୍ଣନା କରାଯାଇଛି । ପୌରାଣିକ ମତବାଦ ଅନୁସାରେ ଗୟାରେ ପିତୃପୁରୁଷଙ୍କୁ ପିଣ୍ଡ ଦାନ କଲେ ଯେଉଁ ସୁଫଳ ମିଳେ, ତାହା ଏଠାରେ କଲେ ମଧ୍ୟ ମିଳିଥାଏ । କିନ୍ତୁ ପ୍ରଶାସନିକ ସ୍ଥାଣୁତା ଏବଂ ଅବହେଳା ହେତୁ ଏହାର ପ୍ରକୃତ ସୁଫଳ ପାଇବାକୁ ଅନେକେ ଅସଫଳ ହୋଇଛନ୍ତି । ଏହି ସ୍ଥାନର



ବିଶେଷତ୍ୱ ଜନମାନସ ଠାରୁ ଲୁଚି ରହିଯାଉଛି ।

## ଭୌଗଳିକ ସୂଚନା

ଓଡ଼ିଶାର ଗଜପତି ଜିଲ୍ଲା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ ଏହି ପର୍ବତମାଳା ଅତ୍ୟନ୍ତ ମନୋରମ ଏବଂ ବିଶେଷତ୍ୱରେ ପରିପୂର୍ଣ୍ଣ । ଅତୀତରେ ବିଶାଳ କଳିଙ୍ଗ ସାମ୍ରାଜ୍ୟର ଅନେକ ଘଟଣାବଳୀର ମୂକସାକ୍ଷୀ ମହେନ୍ଦ୍ରଗିରି । ଉତ୍କଳୀୟ ପରମ୍ପରା ଓ ସ୍ଥାପତ୍ୟର ନିଦର୍ଶନ ମହେନ୍ଦ୍ରଗିରି । ଏହି ପର୍ବତମାଳାର ସର୍ବୋଚ୍ଚ ସ୍ଥାନ ସମୁଦ୍ର ପତନଠାରୁ ୪୯୬୩ ଫୁଟ ବା ୧୫୦୧ ମିଟର ଉର୍ଦ୍ଧ୍ୱରେ ଅବସ୍ଥିତ । ଭାରତବର୍ଷରେ ଥିବା ସାତୋଟି କୂଳପର୍ବତ ମଧ୍ୟରୁ ଏହା ଏକ କୂଳ ପର୍ବତ । ଏହାକୁ ପ୍ରମାଣ କରିବା ଭଳି ତଥ୍ୟ ମତ୍ସ୍ୟପୁରାଣରେ ଲିଖିତ ଆକାରରେ ରହିଛି;

*ସପ୍ତଗ୍ୱସ୍ମିନ୍ ମହାବର୍ଷେ ବିମୃତାଃ କୁଳପର୍ବତଃ ।*

*ମହେନ୍ଦ୍ରମଳୟଃ ସହ୍ୟଂ ଶକ୍ତିମାନୁଷ ବାନ ପି ।*

*ବିନ୍ଧ୍ୟସ୍ଥ ପାରିଯାତଶ୍ଚ ଇତ୍ୟେତେ କୁଳ ପର୍ବତାଃ ।*

*ତେଷାଂ ସହସ୍ର ଶାଶ୍ଚନ୍ୟେ ପର୍ବତାସ୍ତୁ ସମୀପତଃ ।*

ଅର୍ଥାତ ଭାରତବର୍ଷର ସାତଟି ବିଶ୍ୱବିଖ୍ୟାତ ପର୍ବତ ଯଥା ମହେନ୍ଦ୍ର, ମଳୟ, ସହ୍ୟ, ଶକ୍ତିମାନ, ବାନ, ବିନ୍ଧ୍ୟ ଓ ପାରିଜାତ ପର୍ବତ ଅଟେ ।

## ପ୍ରାକୃତିକ ସୌନ୍ଦର୍ଯ୍ୟ

ମହେନ୍ଦ୍ରଗିରିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ ଅଟେ । ମହେନ୍ଦ୍ରଗିରି ପର୍ବତ କଠିନ ଗ୍ରାନାଇଟ୍ ପ୍ରସ୍ତରରେ ନିର୍ମିତ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ କବିବର ରାଧାନାଥ ରାୟ କହିଛନ୍ତି;

http://www.appsgeyser.com/4368717

*ଏ ଗଞ୍ଜାମ ମହୀ ମଞ୍ଜୁ ଶତଦଳ*
*କେଶର ତହିଁ ଏ ମହେନ୍ଦ୍ର ଅଞ୍ଚଳ*
*ଉତ୍କଳ ଲକ୍ଷ୍ମୀର ପ୍ରିୟ ଅଟ୍ଟାଳିକା*
*ବିଶ୍ୱାଲୋକେ ଇନ୍ଦ୍ର ନୀଳ ବଳଭିକା ।*

ସେହିପରି ଚନ୍ଦ୍ରାଲୋକରେ ମହେନ୍ଦ୍ରଗିରିର ପ୍ରାକୃତିକ ବୈଭବ ପ୍ରଦର୍ଶନ କରି ଲେଖିଛନ୍ତି;

*ଚନ୍ଦ୍ରାଲୋକ ଭେଦକରି ଉଠିଛି ଉପରେ*
*ଲୋକାଲୋକ ଗିରି ଶୋଭା ଧରିଛି ମହେନ୍ଦ୍ର*
*ପୂର୍ବପାର୍ଶ୍ୱେ ଚନ୍ଦ୍ରିକିତ, ପଶ୍ଚିମ ଅନ୍ଧାର*
*ଚନ୍ଦ୍ର ଆସି ଗିରିଶିଖ ମଣ୍ଡନ୍ତା ଯଦ୍ୟପି*
*ହୁଅନ୍ତା ସାର୍ଥକ ହର ପାର୍ବତୀ ଉପମା ।*

ସେହିପରି କବିବର ରାଧାନାଥ ରାୟ ତାଙ୍କର ମହେନ୍ଦ୍ର କାବ୍ୟରେ ଲେଖିଛନ୍ତି;

*ଯା ଶୃଙ୍ଗଂ ପରଶ ଛଳେ ଦିବାକର*
*ଚୁମ୍ବନ୍ତି, ଉତ୍କଳ ଧରା ବିମ୍ବାଧର*
*ଉତ୍କଳେ ଅଖିଳ ସୁଷମାର ଧାମ*
*ବକ୍ଷେ ଧରିବାକୁ ଧନ୍ୟ ଏ ଗଞ୍ଜାମ ।*

*ପଣ୍ଡିତ ଗୋପବନ୍ଧୁ ବନ୍ଦୀର ସ୍ୱଦେଶ ଚିନ୍ତାରେ ଲେଖିଛନ୍ତି;*

*ହେ ବସନ୍ତ ବାତ     ମୋ ଦ୍ୱାରେ ଆଘାତ*

*କର ଭଲ ଆଉଥରେ ସଦୟେ*

*ଦକ୍ଷିଣ ଦଗର        କହେ ସମାଗ୍ରର*

*ସିଞ୍ଚି, ଶାନ୍ତ ସୁଧା କ୍ଷତେ ହୃଦୟେ ।*

*କରଥିବ ଭେଟ        ମଞ୍ଜୁଷା ମୁକୁଟ*

*ମହେନ୍ଦ୍ର ଶଇଳ ସୁବାସ ଫୁଲ*

*ତବ ସମାଗମେ        ନାଚଥିବ ପ୍ରେମେ*

*ଦୋହଲାଇ ତରୁ ଭୂଜ ସଂକୁଳ ।*

## ମହେନ୍ଦ୍ରଗିରର ଆଦମତା

ପୃଥିବୀରେ ଜୀବନ ଆରମ୍ଭ ହେବା ପୂର୍ବରୁ ଯେଉଁ ପ୍ରକାରର ଶିଳା ସବୁ ଦେଖାଯାଉଥିଲା, ମହେନ୍ଦ୍ରଗିରରେ ସେ ସବୁ ଦେଖାଯାଏ ବୋଲ କହଛନ୍ତି, ଭୌଗଳକବଦ୍, ଐତହାସକାର ଏବଂ ଗବେଷକ ସାର୍ ଟି ଡବ୍ଲ୍ୟୁ ହୋଲ୍‌ଡେରନ୍‌ସ କେ ସି ଏସ୍ ତାଙ୍କର ଆଲେଖ୍ୟ ‘Peoples and Problems Peninsular India of the Deccan is geologically distinct from the Indo-gangetic plain and Himalayas. It is the remains of a former continent (Gondwana land landmark), which stretched continuously to Africa in the space now occupied by the Indian ocean. The rocks of which, it is formed are among the oldest in the world and show no traces of having ever been submerged. In many parts, they are overlaid by a sheet of black trop rock on basalt which once flowed over them as molten lava. In the deccan we are therefore in the first days of

http://www.appsgeyser.com/4368717

the world we see land, substantially as it existed before the beginning of life, Physiographically this region constitutes the lower reach of the Orissa section of the Eastern ghats.'

## ପୌରଣିକ ମହତ୍ତ୍ୱ

ମହାକାବ୍ୟ ରମାୟଣରେ ମହେନ୍ଦ୍ରଗିରିର ବର୍ଣ୍ଣନା ରହିଛି । ସେଥିରେ ଉଲ୍ଲେଖ ରହିଛି ଯେ ସୀତା ହରଣ ହେବାପରେ ଯେତେବେଳେ ହନୁମାନ ନିଜ ଦଳ ସହ ଆସି ମହେନ୍ଦ୍ରଗିରିଠାରେ ପହଞ୍ଚିଥିଲେ, ସେ ସମୁଦ୍ର ଦେଖିଥିଲେ ଏବଂ ସଂପାତିଠାରୁ ଲଙ୍କା ପୁରୀର ସଂକେତ ପାଇ ସମୁଦ୍ରଲଂଘନ ପାଇଁ ତତ୍ପର ହୋଇଥିଲେ । ବାଲ୍ମିକୀଙ୍କ ଭାଷାରେ;

*କୋ:ଅପି ଲୋକେ ନମେବେଶଂ ପବନେ ଧାରୟିଷ୍ୟତି*

*ଏତାନି ହି ନଗସ୍ଥାସ୍ୟ ଶିଳା ସଙ୍କଟଶାଳିନଃ ।୩୬ ।*

*ଶିଖରିଣି ମହେନ୍ଦ୍ରସ୍ୟ ଶରିଣି ଚ ମହାନ୍ତି ଚ*

*ଯେଷୁ ବେଗଂ ଗମିଷ୍ୟାମି ମହେନ୍ଦ୍ର ଶିଖରେ ଦ୍ୱହୀ ।୩୭ ।*

*ସ ସୂର୍ଯ୍ୟାୟ ମହେନ୍ଦ୍ରାୟ ପବନାୟ ସ୍ୱୟଂଭୁବେ*

*ଭୁତେ ଭ୍ୟତ୍ରଞ୍ଜଳୀ କୃତ୍ୱା ଚ କାର ଗଗନେ ମତିମ ।୩୮ ।*

ଅର୍ଥାତ ଧିର ମହାବଳ ହନୁମାନ ପ୍ରାକୃତିକ କୃଷ୍ଣନୀଳ ଲୋହିତ ଓ ମାଞ୍ଜିଷ୍ଠ ବର୍ଣ୍ଣର ବିଚିତ୍ର ଧାତୁମାନଙ୍କ ଦ୍ୱାରା ଅଳଂକୃତ ସପରିବାର ଦେବତୂଲ୍ୟ କାମରୂପୀ ଯକ୍ଷ, ଗନ୍ଧର୍ବ, କିନ୍ନର ଓ ପବନମାନଙ୍କ ଦ୍ୱାରା ସତତ ସେବିତ ଏବଂ ଶ୍ରେଷ୍ଠନାଗ ସମାକୀର୍ଣ୍ଣ ସେହି ମହେନ୍ଦ୍ର ପର୍ବତରେ ଠିଆ ହୋଇ ବଜ୍ରମଧସ୍ଥିତ ଗଜସଦୃଶ ଶୋଭାପାଇଲେ । ସେ ସୂର୍ଯ୍ୟ, ମହେନ୍ଦ୍ର, ପବନ, ବ୍ରହ୍ମା ଏବଂ ଅନ୍ୟାନ୍ୟ ଭୂତଗଣଙ୍କୁ

http://www.appsgeyser.com/4368717

କୃତାଞ୍ଜଳୀ ପୁଟରେ ପୂର୍ବମୁଖ ହୋଇ କରଯୋଡ଼ି ପିତା ପବନଦେବଙ୍କୁ ନମସ୍କାର କର ଦକ୍ଷିଣ ଦଗକୁ ଯିବାକୁ ଲାଗିଲେ । ଏଠାରେ ପୁଣି କବ କହୁଛନ୍ତ;



*ପୀଡ଼୍ୟମାନସ୍ତୁ ବଳନା ମହେନ୍ଦ୍ରସ୍ତେନ ପର୍ବତଃ*

*ରୀତ ନର୍ବତୟାମାସ କାଞ୍ଚନଞ୍ଜନ ରବତୀଃ ।*

ଅର୍ଥାତ ସେହ ମହେନ୍ଦ୍ର ପର୍ବତ ମହାବଳୀଙ୍କ ଦ୍ୱାର ପୀଡ଼୍ୟମାନ ହୋଇ ସ୍ୱର୍ଣ୍ଣ ଓ ରଜତବର୍ଣ୍ଣର ସ୍ରୋତସମ ପ୍ରବାହତ ହେବାକୁ ଲାଗିଲେ । ହନୁମାନଙ୍କ ପ୍ରତ୍ୟାଗମନ କାଳର ବର୍ଣ୍ଣନା କ୍ରମେ କବ କହୁଛନ୍ତ;




*ମହେନ୍ଦ୍ର ମେଘ ସଂକାଶୋ ନନାଦଶ ମହାକପିଃ*

*ସ ପୂରୟା ମାସ କପିର୍ଦ୍ଦିଶୋ ଦଶ ସମନ୍ତତଃ ।*

*ତତ୍ରସ୍ତସ୍ୟ ଗିରେଃ ଶୃଙ୍ଗ ମହେନ୍ଦ୍ରସ୍ୟ ମହାବଳଃ*

*ହନୁମତ୍ ପ୍ରମୁଖଃ ପ୍ରୀତଂ ହରୟୋ କଣ୍ଣୁରୁତ୍ତମାନ୍ ।*

ଅର୍ଥାତ ଲଙ୍କା ନଗରୀକୁ ବ୍ୟାକୁଳତ, ରାବଣଙ୍କୁ ବ୍ୟଥିତ ଓ ରାକ୍ଷସ ମାନଙ୍କୁ ବପୀଡ଼ିତ କର ମହାବୀର ଜାନକୀଙ୍କୁ ଅଭବାଦନ ଜଣାଇ ପୁନରାଗମନ କଲେ । ସ୍ୱଳ୍ପ ଦୂରରୁ ମହେନ୍ଦ୍ରଗିରକୁ ଦେଖି ସେହ ମହାକପି ମେଘ ଗର୍ଜନ କର ଦଶଦଗ ପୂର୍ଣ୍ଣ କରଦେଲେ । ବାନରଗଣ ଲଙ୍କା ବବରଣୀ ଶୁଣି ମହେନ୍ଦ୍ରପର୍ବତ ଶୃଙ୍ଗରେ ବସି ପରମପ୍ରୀତ ଲାଭକଲେ ।

## ଆଧ୍ୟାତ୍ମ ରାମାୟଣ

ମହର୍ଷି ଶ୍ରୀକୃଷ୍ଣ ଦ୍ୱୈପାୟନ (ବେଦବ୍ୟାସ)ଙ୍କ ରଚତ ଆଧ୍ୟାତ୍ମ ରାମାୟଣ ଏକ

ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ । ଏଥିରେ ଅବତାରଣ କରାଯାଇଥିବା ଆଧାତ୍ମିକ ତତ୍ତ୍ୱ ଅନ୍ୟ କୌଣସି ରାମାୟଣରେ ନାହିଁ । କିଷ୍କିନ୍ଧ୍ୟା କାଣ୍ଡ ସପ୍ତମ ସର୍ଗରେ କୃଷ୍ଣ ଦ୍ୱୈପାୟନ ଉଲ୍ଲେଖ କରିଛନ୍ତି;

*ତଥେତି ରାଘବେଣୋକ୍ତଃ ପରିକ୍ରମ୍ୟ ପ୍ରଣମ୍ୟତମ୍*

*ପୂଜିତୋ ସ୍ତିଦନୁଜ୍ଞାତୋ ମହେନ୍ଦ୍ରାଚଳ ମନପତ ।*

ଅର୍ଥାତ ରାମଚନ୍ଦ୍ରଙ୍କ ଦ୍ୱାରା ବର୍ଜିତ ହେବାପରେ ପର୍ଶୁରାମ ତାଙ୍କଠାରୁ ତଥାସ୍ତୁ ବର ପାଇ ତାଙ୍କୁ ପ୍ରଦକ୍ଷିଣ ଏବଂ ପ୍ରଣାମ କରି ତାଙ୍କର ଆଜ୍ଞାରେ ମହେନ୍ଦ୍ର ପର୍ବତକୁ ଗମନ କଲେ, ହନୁମାନଙ୍କ ସମୁଦ୍ର ଅତିକ୍ରମ ଓ ଲଙ୍କାରେ ସୀତାଙ୍କ ପ୍ରସଙ୍ଗରେ କବି ଲେଖିଛନ୍ତି;

*ଗଚ୍ଛନ୍ତଂ ରାମ କାର୍ଯ୍ୟାର୍ଥଂ ବାୟୁସ୍ତ୍ୱ ମନୁଗଚ୍ଛତ୍*

*ଇତ୍ୟାଶୀର୍ଭିଃ ସମାନନ୍ଦ୍ୟ ବିସୃଷ୍ଟଃ ପ୍ରବଧାଧିପୈଠ*

*ମହେନ୍ଦ୍ରାଦ୍ରି ଶିରୋ ଗତ୍ୱା ବହ୍ୱାବାଦ୍ଭୁତ ଦର୍ଶନଃ ।*

ଅର୍ଥାତ ବାନର ଯୂଥପତିମାନେ ଆଶୀର୍ବାଦ କଲେ - ହେ ବାୟୁକୁମାର ! ରାମଙ୍କ କାର୍ଯ୍ୟରେ ଯାଉଅଛ, ତୁମକୁ ବାୟୁ ଅନୁଗମନ କରନ୍ତୁ । ତା'ପରେ ବିଦାୟ ଦିଅନ୍ତେ ହନୁମାନ ମହେନ୍ଦ୍ରଗିରି ଶିଖରକୁ ଉଠି ଅଦ୍ଭୁତ ରୂପ ଧାରଣ କଲେ ଓ ଦକ୍ଷିଣ ଦିଗକୁ ଗମନ କଲେ ।

## ମହାଭାରତ ଓ ମହେନ୍ଦ୍ରଗିରି

ମହାଭାରତ ଦୃଷ୍ଟିରୁ ବିଗ୍ଚାର କଲେ ଏହା ପର୍ଶୁରାମଙ୍କ ନିବାସସ୍ଥଳ ବୋଲି ବିବେଚନା କରାଯାଇଛି । ବିଭିନ୍ନ ପୌରାଣିକ ଗ୍ରନ୍ଥାବଳୀର ଏହାର ସୁଦୃଢ଼ ପ୍ରମାଣ ରହିଛି ।

*ରହସ୍ୟ ଖଲ୍ୱିଦଂ ରାଜନ୍ ଦେବାନାମିତିନଃ ଶ୍ରୁତମ୍*

*ତଦ୍ଭେତେ କଥୟିଷ୍ୟାମି ନମସ୍କୃତ୍ୟ ସ୍ୱୟମ୍ଭୁବେ ।*

*ତ୍ରିଃସପ୍ତକୃତ୍ୱଃ ପୃଥିବୀଂ କୃତ୍ୱା ନିଃକ୍ଷତ୍ରିୟାଂ ପୁରା*

*ଜମଦଗ୍ନୋ ମୁତପସ୍ତେପେ ମହେନ୍ଦ୍ରେ ପର୍ବତୋତ୍ତମେ ।*

*ତଦାନ କ୍ଷତ୍ରିୟେ ଲୋକେ ଭାର୍ଗବେଣ କୃତେସତି*

*ବ୍ରାହ୍ମଣାନ୍ କ୍ଷତ୍ରିୟା ରାଜନ ସୁଧାଧନେ ଅଭିଚକ୍ରମୁଃ ।*

ଅର୍ଥାତ ଜନ୍ମେଜୟଙ୍କ ପ୍ରଶ୍ନର ଉତ୍ତରରେ ବୈଶମ୍ପାୟନ କହନ୍ତି - ହେ ମହାଭାଗ ! ଦେବଗଣଙ୍କ ଠାରୁ ଶୁଣିଥିବା ଏହି ରହସ୍ୟପୂର୍ଣ୍ଣ କଥା ସ୍ୱୟମ୍ଭୁଙ୍କ ନିକଟରେ ପ୍ରାର୍ଥନାପୂର୍ବକ କହିବା ଶୁଣନ୍ତୁ । ପୂର୍ବକାଳରେ ଭାର୍ଗବଙ୍କ ଦ୍ୱାରା ସମସ୍ତ ଅଞ୍ଚଳ କ୍ଷତ୍ରିୟ ନିପାତ ହୋଇଥିଲା । ପର୍ଶୁରାମ ସମସ୍ତ ଶତ୍ରୁରାଜାଙ୍କୁ ପରାଜୟ କରି ଏହି ଅଞ୍ଚଳରେ ଆଧିପତ୍ୟ ବିସ୍ତାର କରିଥିଲେ । କ୍ଷତ୍ରିୟ ସଂହାରପରେ ସେ ମହେନ୍ଦ୍ରରେ ଅବସ୍ଥାନ କରନ୍ତି ।

ଦ୍ୱାପର ଯୁଗରେ ମହେନ୍ଦ୍ରଗିରି ଏକ ଧନୁର୍ବେଦ ଶିକ୍ଷାକେନ୍ଦ୍ର ଥିଲା ଓ ଏଠାକୁ ଅନେକ ଯୋଦ୍ଧା ଓ ବୀରମାନଙ୍କ ଆଗମନ ଘଟିଥିଲା । ଏ ସମ୍ପର୍କରେ ମହାଭାରତରେ ଉଲ୍ଲେଖ ରହିଛି;

*ସରାମସ୍ୟ ଧନୁର୍ବେଦଂ ଦିବ୍ୟାନ୍ୟସ୍ତ୍ରାଣି ଚୈବହି*

*ଶୃତ୍ୱାତେଷୁ ମନଃଶ୍ଚକ୍ରେ ନୀତଶାସ୍ତ୍ରେ ତଥୈବ ଚ*

*ତତଃ ସବ୍ରତଭିଃ ଶିଷ୍ୟୈଃ ସ୍ତପେଯୁକ୍ତୋ ମହାତପାଃ*

*କୃତ୍ତଃ ପ୍ରାୟାନ ମହାବହୁ ମହେନ୍ଦ୍ରମ୍ ପର୍ବତ୍ତୋତମମ୍*

http://www.appsgeyser.com/4368717

*ତତୋ ମହେନ୍ଦ୍ର ମାସାଦ୍ୟ ଭରଦ୍ୱାଜୋ ମହାତପାଃ*

*ଯନ୍ତଂ ଦାନ୍ତଂ ଅଭିନ୍ନଘ୍ନମ୍ ପଶ୍ୟଦ୍ ଭୃଗୁନନ୍ଦନମ୍ ଚ ।*

ଅର୍ଥାତ, ଜନ୍ମେଜୟଙ୍କ ପ୍ରଶ୍ନୋତ୍ତରରେ ବୈଶମ୍ପାୟନ କହନ୍ତି - ସେହି ପର୍ଶୁରାମଙ୍କର ଧନୁର୍ବେଦ ଦିବ୍ୟ ଅସ୍ତ୍ର ବିଷୟରେ ନୀତିଶାସ୍ତ୍ରରେ ମଧ୍ୟ କୁହାଯାଇଛି । ତା'ପରେ ସେହି ମହାବାହୁ ମହାତପସ୍ୱୀ ଶିଷ୍ୟମାନଙ୍କ ସହିତ ମହେନ୍ଦ୍ରାଞ୍ଚଳରେ ତପସ୍ୟାରେ ନ୍ୟସ୍ତ ଥିଲେ । ମହାତପସ୍ୱୀ ଭରଦ୍ୱାଜ ମହେନ୍ଦ୍ରପର୍ବତକୁ ଆସିଥିଲେ ଓ ଭୃଗୁନନ୍ଦନଙ୍କୁ ଦେଖିଥିଲେ । ମହେନ୍ଦ୍ର ପର୍ଶୁରାମଙ୍କ ବସତି ସ୍ଥାପନ ସଂପର୍କୀୟ ରାମାୟଣର ବୃତ୍ତାନ୍ତ ମହାଭାରତରେ ମଧ୍ୟ ପୁନରାବୃତ୍ତି ଘଟିଛି ।

*ଅସ୍ମିନ୍ ମହେନ୍ଦ୍ରେ ଶୈଳେନ୍ଦ୍ରେ ବସତ୍ୟମିତ ବିକ୍ରମଃ*

*ଏବଂ ବୈରମଭୂତ ତସ୍ୟ କ୍ଷତ୍ରିୟୌ ଲୋକବାସିଭିଃ ।*

*ମହେନ୍ଦ୍ର ପର୍ବତର ପବିତ୍ରତା ବିଷୟରେ କୁହାଯାଇଛି,*


*ଅଗସ୍ତ୍ୟ ପର୍ବତୋରମ୍ୟଃ ପୂଣ୍ୟୋ ଗିରିବର ଶିବଃ*

*ମହେନ୍ଦ୍ରୋନାମୋ କୌରବା ଭାର୍ଗବସ୍ୟ ମହାମନଃ*

*ଅୟଜତ ତତ୍ର କୌନ୍ତେୟ ପୂର୍ବମେବ ପିତାମହଃ*

*ତମୃଷୟନ୍ୟାନ ପୂଣ୍ୟାନ ବକ୍ଷ୍ୟ ତୀର୍ଥାନୀ ମେ ଶୃଣୁ ।*

*ସରିତଃ ପର୍ବତାଂ ଶୈବ ପୂଣ୍ୟାନ୍ୟାୟ ତନାନ ଚ ।*



## ବାୟୁପୁରାଣରେ ମହେନ୍ଦ୍ରଗିରି

ବାୟୁପୁରାଣରେ ମଧ୍ୟ ମହେନ୍ଦ୍ରଗିରି

http://www.appsgeyser.com/4368717

ବିଷୟରେ ବର୍ଣ୍ଣନା ରହିଛି, ଏବଂ ଏହାକୁ ଆଦିବାସୀ ସଭ୍ୟତାର କେନ୍ଦ୍ରସ୍ଥଳ ଭାବରେ ପ୍ରମାଣିତ କରାଯାଇଛି ।

*ମହେନ୍ଦ୍ର ପର୍ବତେ ରମ୍ୟେ ପୂଣ୍ୟ ଶନ୍ତୁ ନିଷେବିତଂ*

*ତତ୍ରା ରୁହୁ ଭବେତ୍ ପ୍ରୀତଃ ଶ୍ରାଦ୍ଧଥୈବ ମହାଫଳମ ।*

*ବିଲ୍ୱାଧଃ ଶିଖରେ ଯୁକ୍ତା ଦିବ୍ୟ ଚକ୍ଷୁଃ ପ୍ରବର୍ତ୍ତିତେ ।*

*ଅଦୃଶ୍ୟଞ୍ଚୈବ ଭୂତାନାଂ ଦେବାନ୍ ଚରତେ ମହୀମ ।*

*ସପ୍ତ ଗୋଦବରେ ଷ୍ଟୈବ ଗୋକର୍ଣ୍ଣେ ଚ୍ ତପୋବନେ*

*ଅଶ୍ୱମେଧ ଫଳଂ ତତ୍ରସ୍ନାତ୍ୱା ଚ ଲଭତେନରଃ ।*

ଅର୍ଥାତ, ପୂର୍ବେ ମହେନ୍ଦ୍ର ପର୍ବତ ଉପରେ ଗୋଟିଏ ବିଲ୍ୱ ବୃକ୍ଷଥିଲା ଏବଂ ଠିକ ତା ପାଖରେ ଏକ ପୋଖରୀ ଥିଲା । ଏଠାରେ ସାଧନା କରିଲେ ମୋକ୍ଷ ପ୍ରାପ୍ତ ହୁଏ । ସପ୍ତଗୋଦାବରୀ ଓ ଗୋକର୍ଣ୍ଣ ତୀର୍ଥରେ ସ୍ନାନ ଓ ଅଶ୍ୱମେଧ ଯଜ୍ଞର ଫଳ ଏଠାରେ ସ୍ନାନ କଲେ ମିଳିଥାଏ ବୋଲି ପ୍ରଚଳିତ ରହିଛି ।

ମହେନ୍ଦ୍ରଗିରି ପର୍ବତ ଓ ଜଙ୍ଗଲ ଅଞ୍ଚଳ ବାୟୁମଣ୍ଡଳରୁ କାର୍ବନ ମାତ୍ରା କମ କରିବା ସମେତ ଜଳଚକ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଦ୍ୱାରା ସମୁଦାୟ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ପରିବେଶ ସନ୍ତୁଳନ ରହିଥାଏ ।

ତଥ୍ୟ ଓ ଗବେଷଣା : ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ଉପସ୍ଥାପନା : ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ହେ ମହାତ୍ମା



ଅନାମ ଚରଣ ସାହୁ

ସତ୍ୟ ଅହିଂସାର ପୂଜାରୀ
ତୁମେ ଜାତିର ପିତା
ଶ୍ରଦ୍ଧାଞ୍ଜଳୀ ଘେନ ଆମର
ହୋଇ କରୁଣା ଦାତା - ୧

ନୀତି ଆଦର୍ଶରେ ତୁମର
ହୋଇ ଅନୁପ୍ରାଣୀତ
ଦେଶସେବା କରି ଅନେକ
ହେଲେ ବିଶ୍ୱବିଖ୍ୟାତ - ୨

ଯେଉଁ ନିୟମକୁ ଗଢ଼ିଲ
ନିଜେ କଲ ପାଳନ
ତୁମ ପରି ଆଉ କିଏ ସେ
କୁହ ହେବ ସମାନ - ୩

ରାମ ରାଇଜର ସପନ
କାହିଁ ଦୂରେ ଗଲଣି
ରାବଣ ଶାସନେ ଆତଙ୍କ
ବିଶ୍ୱ ଗ୍ରାସ କଲଣି - ୪

ସତୀ ସୀତାମାତା ନୟନୁ
ଏଠି ଲୋତକ ଝରେ
ରାମ ଘରକୋଣେ ଲୁଚଇ
ପ୍ରାଣଦଣ୍ଡ ଭୟରେ - ୫

http://www.appsgeyser.com/4368717

ଚିତ୍ରଗୁପ୍ତ ପାଞ୍ଜି ନ ଦେଖି
ଯମ ହରଇ ପ୍ରାଣ
କେବେ ଆସେ କେଉଁ ରୂପରେ
ମାର ମୃତ୍ୟୁର ବାଣ - ୬

ସ୍ୱଚ୍ଛ ହେବ ଆମ ଭାରତ
ଦେଖିଥିଲି ସପନ
ରାଜନୀତି ପଶାପାଲିରେ
ତାହା ସାତ ସପନ - ୭

ଅଳପ କେତେକ ବଣିକ
ସବୁ ନେଲେଣି ଲୁଟି
ଶାସକ ଶୋଷଣ କରଇ
ଆମ ଖୋଲେନି ପାଟି - ୮

ନିଶା କବଳରେ ଭାରତ
ରୁଗ୍ଣ ଉତ୍ତର ପୀଢ଼ି
ରୋଗ କରେ କାୟା ବିସ୍ତାର
ଆସେ ବିପଦ ମାଡ଼ି - ୯

ମାତାପିତା ହୃଦ ପାଷାଣ
ହୁଏ କନ୍ୟା ମରୁଡ଼ି
ଯେତେ ବିଲକ୍ଷଣ ଦିଶଇ
ସତ୍ୟ ଯାଉଛି ହୁଡ଼ି - ୧୦

ଚତୁର୍ଦ୍ଦିଗେ ସଭା ସମିତି
ଶୁଣ ମାନବ ବର
ଭୀଷଣ ବାଜରେ ବନ୍ଦିନୀ

ଗାନ୍ଧୀ ନୀତିର ସାର - ୧୧

ଦିନୁ ଦିନ କମି ଗଲାଣି
ଆମ ଶିକ୍ଷାର ମାନ
ଆରକ୍ଷଣେ ବଳି ପଡ଼ଇ
ଏହି ଯୁଗ ବିଦ୍ୱାନ - ୧୨

ଗାଆଁରେ ନିଜକୁ ଖୋଜିଲେ
ମୁହେଁ ଦିଶେନା ଆଉ
ପାଶ୍ଚାତ୍ୟ ସଭ୍ୟତା ସଂସ୍କୃତି
ଏବେ ତାହାର ରାହୁ - ୧୩

ରାଜନେତା ପାଇଁ କ୍ଷତାକ୍ତ
ଗଣତନ୍ତ୍ର ମନ୍ଦିର
ପଥଭ୍ରଷ୍ଟ ଯୁବ ସମାଜ
ଶୁଝେ ହିଂସା ମନ୍ତ୍ରର - ୧୪

ତୁମପରି ନେତା କାହାନ୍ତି
କିଏ ନେବ ନେତୃତ୍ୱ ?
ଅବତରି ଆସ ମରତେ
ଦିଅ ମୁକତି ପଥ - ୧୫

# ମୋ ଠାକୁରେ



ଆଶୁତୋଷ ମେହେର

*୧-ପୂଜା ପ୍ରତିମା*

ଦିଅଁଙ୍କ ପ୍ରତିମା

କିଣିଲା ବେଳେ

କେତେ ମୂଲଚୂଲ;

ଘରେ ସ୍ଥାପନା କରି

ମାଗିଲା ବେଳକୁ,

ପ୍ରଭୁ ଦିଅ

ଅମାପ ସମ୍ପତ୍ତି ସମ୍ବଳ !!

*୨-ପୂଜା ଦୀପ *

ମନ୍ଦିରକୁ ଯାଇ

ଜଳାଉଛି ଦୀପ

ମାଳ କୁ ମାଳେ;

ମନ ଭିତରେ ଯେ

କେତେ ଅମା ଅନ୍ଧକାର

ଶୋଚନା ନାହିଁ ତଳେ !!

* ୩-ପୂଜା ଫୁଲ *

ଠାକୁରଙ୍କୁ ପ୍ରତଦନ,

କେତେ ରଙ୍ଗୀନ ଫୁଲରେ

ପୋତ ଦେଇ

ପୂଜା କରୁଛ ମୁଁ;

ହେଲେ

ସବୁ ଫୁଲଗୁଡା

ଗ୍ଡେଇ ଆଣେ

ପର ବାଡି ବଗିଗ୍ଚରୁ !!

୫୪, ଆର୍ଯ୍ୟପଲ୍ଲୀ

କଟ୍ ଛକ,ପଟିଆ

ଭୂବନେଶ୍ୱର ୭୫୧୦୨୪

ମୋବାଇଲ ୯୪୩୭୦୮୫୩୯୬

http://www.appsgeyser.com/4368717

# ସେବକ ନେତା (ସମ୍ବଲପୁରୀ)



ଆଶୁତୋଷ ମେହେର

କାହାର କଥା କହମା ବାବୁ

ଇନେ ସଭେଁ ପରେ ନେତା,

କାମକୁଠି କର କମାନ ନାଇଁ

ଖାଲି କଥା କତା କତା ।।

ପରର ସେବା କରକର ଯେ

କମାଇ ଯାଏସି ବଢି,

ସେବାଥି ଲୁକେଁ ଉଟୁସ ପୁଟୁସ

ଛଡି ଯେ ଯାଉଛେ ଧଡି ।

ସେବା କର ଗୃଟି ଦେଉଛନ

ଦେଶର ତ' ବପୁ ଶିରୀ

ଟଙ୍କା ପଏସା ଠୁଲ କରସି

ନିଜର ମୁନାକେ ଭର ।।

ଏନତା ସେବକ ବାଛ ବାଛ

ଦଅ ପଢୋଇ ଯେ ପାଠ,

ଗୁଡର ତଲୁ ମାଏଟ ଖୁସକେଇ

ବନ୍ଦ କରଦିଅ ନାଟ ॥

ତୁମକୁ ଚଟା କାଟୁଛନ୍ତି ଯିଏ

ତୁମେ କାଟ ତା'ର ଚଟା,

ସେବକ ନେତା ଚନ୍ଦନ ଚନ୍ଦନ

ମୁହେଁ ଭର ଦିଅ ପିଟା ॥

୫୪,ଆର୍ଯ୍ୟପଲ୍ଲୀ

କଟ୍ ଛକ,ପଟିଆ

ଭୁବନେଶ୍ୱର ୭୫୧୦୨୪

ମୋବାଇଲ ୯୪୩୭୦୮୫୩୯୬

http://www.appsgeyser.com/4368717

# ଚାର୍ଲ୍ସ ଡିକେନ୍ସ



ସୁଶାନ୍ତ ପୁରୋହିତ

ଚାର୍ଲ୍ସ ଡିକେନ୍ସ (୭ ଫେବୃଆରୀ ୧୮୧୨ - ୯ ଜୁନ ୧୮୭୦ ) ଜଣେ ଇଂରେଜୀ ଲେଖକ ଓ ସାମାଜିକ ସମାଲୋଚକ ଥିଲେ । ସେ ବିଶ୍ୱର କେତେକ ସର୍ବାଧିକ ଆଦୃତ କାଳ୍ପନିକ ଚରିତ୍ରର ସୃଷ୍ଟିକର୍ତ୍ତା ଥିଲେ ଓ ଅନେକଙ୍କ ମତରେ ସେ ଭିକ୍ଟୋରିଆନ ଯୁଗର ସର୍ବଶ୍ରେଷ୍ଠ ଉପନ୍ୟାସକାର ଥିଲେ ।



୧୮୪୦ରୁ ୧୮୭୦ ଦଶକ ମଧ୍ୟରେ "ଅଲିଭର ଟୁଇଷ୍ଟ" ଓ "ଡେଭିଡ଼ କପର୍‌ଫିଲ୍‌ଡ଼" ପରି ବିଶ୍ୱର ସର୍ବାଧିକ ଆଦୃତ କାଳ୍ପନିକ ଉପନ୍ୟାସ ଚରିତ୍ର ସୃଷ୍ଟି କରିଥିଲେ ଯାହା ଆଜି ଯାଏଁ ବହୁଳ ବ୍ୟବସାୟିକ ସଫଳତା ପାଇବା ସହ ଜନପ୍ରିୟ ରହିଆସିଛି । ଅଲିଭର ଜଣେ ଅପାଠୁଆ ଦରିଦ୍ର ବାଳକର ଚରିତ୍ର । ତାହାର ଚରିତ୍ର ଚିତ୍ରଣରେ ଡିକେନ୍ସ ଅତ୍ୟନ୍ତ ନିଖୁଣତାର ସହ ଇଂଲଣ୍ଡର ସାଧାରଣ ଜନ ଜୀବନକୁ ଜୀବନ୍ତ ଭାବରେ ପ୍ରତିଫଳନ କରେଇ ଥିଲେ । ଏହି ଚରିତ୍ର ସହ ଡିକେନ୍ସଙ୍କ ନିଜ ପ୍ରାରମ୍ଭିକ ଜୀବନ ଓ ସମୟର ବହୁତ ସାମଞ୍ଜସ୍ୟ ରହିଥିବାର ଦେଖାଯାଏ ।

http://www.appsgeyser.com/4368717

ଡିକେନ୍ସଙ୍କ ଜନ୍ମ ଇଂଲଣ୍ଡର ପୋର୍ଟ୍ସ ମାଉଥଠାରେ ହୋଇଥିଲା । ତାଙ୍କର ଋଣଗ୍ରସ୍ତ ପିତାଙ୍କୁ ଋଣ ସୁଝି ନ ପାରିବାରୁ ଜେଲ ଦଣ୍ଡ ମିଳିବାରୁ ବାଲ୍ୟ କାଳରୁ ସେ ସ୍କୁଲ ଛାଡ଼ି ଏକ କାରଖାନାରେ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥିଲେ । ସାଧାରଣ ବିଦ୍ୟାଳୟ ଶିକ୍ଷା କମ ପାଇଥିଲେ ମଧ୍ୟ ସେ ଏକ ସାପ୍ତାହିକୀ ପତ୍ରିକା ୨୦ ବର୍ଷ ଧରି ସମ୍ପାଦନା କରିଥିଲେ ଓ ୧୫ଟି କାଳ୍ପନିକ ଉପନ୍ୟାସ ସହ ୫ଟି କ୍ଷୁଦ୍ର ଉପନ୍ୟାସ, ଶତାଧିକ କ୍ଷୁଦ୍ର ଗଳ୍ପ, ଅନେକ ଅଣକାଳ୍ପନିକ ଲେଖାବଳୀ ରଚନା କରିବା ସହ ବ୍ୟାପକ ଭାବରେ ବକ୍ତୃତା ଦେଇଥିଲେ । ସାମାଜିକ କ୍ଷେତ୍ରରେ ଅବଦାନ ଭାବରେ ସେ ଶିଶୁ ମାନଙ୍କ ଶିକ୍ଷା, ସାମାଜିକ ଅଧିକାରର ଜଣେ ବଳିଷ୍ଠ ସମର୍ଥକ ଓ ଅଗ୍ରଦୂତ ଭାବରେ ରହିଥିଲେ । ଡିକେନ୍ସ ୧୮୩୬ ମସିହାରେ "ଦ ପିକୱିକ ପେପର୍ସ" (The Pickwick Papers) ନାମକ ଏକ ଧାରାବାହିକ ଲେଖା ପ୍ରକାଶ କରି ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର କିଛି ବର୍ଷ ମଧ୍ୟରେ ସେ ତାଙ୍କର ଲେଖାରେ ସାମାଜିକ ଚରିତ୍ର ଗୁଡ଼ିକର ନିଖୁଣ ଚିତ୍ରଣ, ଲେଖାରେ ନାଟକୀୟତା ତଥା ସମାଜର ସାଂପ୍ରତିକ ଘଟଣାବଳୀର ଜୀବନ୍ତ ଭଙ୍ଗିରେ ଉପସ୍ଥାପନା ପାଇଁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ହୋଇ ଗଲେ । ସେହି ସମୟରେ ତାଙ୍କର ଉପନ୍ୟାସ ମାସିକ ବା ସାପ୍ତାହିକ ପତ୍ରିକାରେ ଧାରାବାହିକ ହିସାବରେ ପ୍ରକାଶିତ ହେଉଥିଲା । ସମୟ କ୍ରମେ ଭିକ୍ଟୋରିଆ ଯୁଗରେ ଏହା ସବୁଠାରେ ପ୍ରଚଳିତ ପ୍ରକାଶନ ଧାରାରେ ପରିଣତ ହୋଇଥିଲା । ତାଙ୍କର ଅନନ୍ୟ "ଧାରାବାହିକ ପ୍ରକାଶନ" ମାଧ୍ୟମ ଦ୍ୱାରା ସେ ପାଠକ ମାନଙ୍କ ପ୍ରତିକ୍ରିୟା ଜାଣି ସେହି ଅନୁସାରେ ତାଙ୍କର ଆଗାମୀ ପର୍ଯ୍ୟାୟ ଲେଖାର କାହାଣୀକୁ ପରିବର୍ତ୍ତନ କରୁଥିଲେ । ସେ ତାଙ୍କର ସର୍ବାଧିକ ଆଦୃତ ଉପନ୍ୟାସ "ଡେଭିଡ଼ କପରଫିଲ୍ଡ଼" (David Coppers-field)ରେ "ମିସ୍ ମିକାୱର"ଙ୍କ ଚରିତ୍ର ଦୁର୍ବଳତାକୁ ପ୍ରତିଫଳନ କରୁଥିବାର ମତ ଜାଣିବା ପରେ ତାହାକୁ ପରବର୍ତ୍ତୀ ଅଧ୍ୟାୟରେ ସକାରାତ୍ମକ ଚରିତ୍ରରେ ପରିବର୍ତନ କରିଥିଲେ । ସେ ସେହି ସମୟରେ ଇଂଲଣ୍ଡ ରାସ୍ତାରେ ବୁଲୁଥିବା ବା କାରଖାନାରେ

http://www.appsgeyser.com/4368717

ଶ୍ରମିକ ଥିବା ଅଶିକ୍ଷିତ ବାଳକମାନଙ୍କୁ ବସେଇ ତାଙ୍କୁ ମାସିକ ଧାରାବାହିକ ସବୁ ପଢ଼ି ଶୁଣାଉଥିଲେ ଓ ତାହା ଦ୍ୱାରା ସେମାନେ ଏକ ନୂତନ ଶ୍ରେଣୀର ପାଠକ ହେଇ ଅଣପାରମ୍ପରିକ ଶିକ୍ଷା ମଧ୍ୟ ପାଉଥିଲେ ।

୧୯୪୮ ମସିହାରେ ତାଙ୍କର ଉପନ୍ୟାସ “A Christmas Carol” ବହୁ ପ୍ରଶଂସିତ ହେବା ସହ ଅନେକ ନୂତନ ଲେଖକଙ୍କ ପାଇଁ ମାର୍ଗଦର୍ଶକ ହେଇଥିଲା । ତାଙ୍କର ଉପନ୍ୟାସ “ଅଲିଭର ଟୁଇଷ୍ଟ” ଓ “ଗ୍ରେଟ ଏକ୍ସପେକ୍ଟେସନ୍” ଆଦୃତ ହେବା ସହ ଆଦର୍ଶ ମଧ୍ୟ ହେଇଥିଲା । ତାଙ୍କର ଲେଖା ସବୁକୁ ଭିକ୍ଟୋରିଆ ଯୁଗର ଉପନ୍ୟାସ ସାହିତ୍ୟର ଏକ ନିଦର୍ଶନ ଭାବରେ ନିଆଯାଇ ଆସୁଛି । ଲଣ୍ଡନ ଓ ପ୍ୟାରିସ୍ ଦୁଇଟି ମୁଖ୍ୟ ୟୁରୋପୀୟ ମହାନଗରୀ ଉପରେ ପର୍ଯ୍ୟବେଶିତ ଡିକେନ୍ସଙ୍କ ଉପନ୍ୟାସ “ଦୁଇଟି ସହରର କାହାଣୀ”ରେ ସେ ଯୁଗର ଏକ ଶ୍ରେଷ୍ଠ ଐତିହାସିକ କାଳ୍ପନିକ ଉପନ୍ୟାସ ଭାବରେ ତାଙ୍କୁ ସ୍ୱୀକୃତି ଦେଇଥିଲା । ଡିକେନ୍ସଙ୍କ ଲେଖା ସମୂହକୁ ବିଶ୍ୱର ପ୍ରଖ୍ୟାତନାମା ଲେଖକ ଲିଓ ଟଲଷ୍ଟୟ, ଜର୍ଜ ଅରୱେଲ, ଓ ଜି. କେ. ଚେଷ୍ଟାରଟନ ଲେଖା ସମୂହରେ ରହିଥିବା ମାନବୀୟ ମୂଲ୍ୟବୋଧ, ବାସ୍ତବିକତା, ହାସ୍ୟରସ, ଗଦ୍ୟ ଶୈଳୀ, ଚରିତ୍ର ଚିତ୍ରଣ ଶୈଳୀ ପାଇଁ ଭୂୟସୀ ପ୍ରସଂଶା କରିଥିଲେ । ଅପର ପକ୍ଷରେ ଓସ୍କାର ୱାଇଲ୍ଡ, ହେନେରୀ ଜେମ୍ସ ଓ ଭର୍ଜିନିଆ ଉଲ୍ଫ ତାଙ୍କର ସାହିତ୍ୟରେ ମନସ୍ତାତ୍ୱିକ ଗଭୀରତାର ଅଭାବ ଓ ହୁଗୁଳା ବିଷୟ ଲେଖୁଥିବାର ଅଭିଯୋଗ ମଧ୍ୟ କରିଥିଲେ । ତେବେ ତାଙ୍କର ଲେଖାର ଶୈଳୀ “ଡିକେନ୍ସନିଆନ” ଶୈଳୀ ଭାବରେ ପରିଚିତ ହେଇ ଦରିଦ୍ର ସାମାଜିକ ଅବସ୍ଥା ଓ ହାସ୍ୟ କାରୁଣ୍ୟର ପରିଚୟ ଦେଇଥିଲା ।

୧୮୧୫ ମସିହାରେ ଜନ ଡିକେନ୍ସଙ୍କୁ ଇଂଲଣ୍ଡରେ ସ୍ଥାପିତ କରାଗଲା ଓ ସେତେବେଳେ ଚାର୍ଲ୍ସଙ୍କୁ ୪ ବର୍ଷ ହେଇଥିଲା । ସେ ୧୧ ବର୍ଷ ହେବା ଯାଏ ସେଠାରେ ଶିର୍ନେସ ଓ କେଣ୍ଟଠାରେ ରହିଥିଲେ । ତାଙ୍କର ବାଲ୍ୟକାଳ ଅତ୍ୟନ୍ତ ସାଧାରଣ ଥିଲା

ଓ ଏକ ବୃହତ ପରିବାରରେ ଥିବା ହେତୁ ବିଶେଷ କିଛି ସ୍ୱତନ୍ତ୍ର ଯତ୍ନ ପାଇ ନଥିଲେ ।

ବାଳକ ଗ୍ଡିକ୍ସ ବେଶି ସମୟ ବାହାରେ ରହୁଥିଲେ ଓ ଜଣେ ସର୍ବଗ୍ରାସୀ ପାଠକ ଥିଲେ । ସେ ତାଙ୍କ ସମୟରେ ଜନପ୍ରିୟ ଥିବା "ତୋବିଅସ ସ୍ମଲେଟ", "ହେନେରୀ ଫିଲଡିଙ୍ଗ" ଆଦି ଲେଖକଙ୍କ ଚିତ୍ରିତ ଉପନ୍ୟାସ ଓ "ରବିନ୍‌ସନ୍ କୃଶୋ", "ଗିଲ୍ ବ୍ଲାସ" ପରି ଜନପ୍ରିୟ ଉପନ୍ୟାସ ପଢ଼ିବା ସହ "ଆରବିଆନ ନାଇଟ୍‌ସ", "ଏଲିଜାବେଥ ଇଞ୍ଚବାଲ୍"ଙ୍କ ହାସ୍ୟ ଲେଖାବଳୀ ସଂଗ୍ରହକୁ ବାରମ୍ବାର ପଠନ କରୁଥିଲେ । ତାଙ୍କର ସ୍ମୃତିଶକ୍ତି ପ୍ରଖର ଥିଲା ଓ ତାହା ତାଙ୍କ ପାଇଁ ପରବର୍ତ୍ତୀ ଲେଖକ ଜୀବନରେ ବହୁ ଉପାଦେୟ ହେଇଥିଲା । ସେ ଜନସାଧାରଣଙ୍କ ଭିତରେ ଲକ୍ଷ୍ୟ କରୁଥିବା ଘଟଣା ସବୁ ମନେ ରଖିପାରୁଥିଲେ ଓ ଉପନ୍ୟାସ ରଚନା ବେଳେ ସେହି ଘଟଣାବଳୀକୁ ସୁନ୍ଦର ରୂପ ଦେଇ କାଳ୍ପନିକ ଚରିତ୍ର ସବୁର ଚିତ୍ରଣ କରିପାରୁଥିଲେ । ସେ କିଛି କାଳ ନୌସେନାବିଭାଗରେ ତାଙ୍କ ପିତାଙ୍କ ସ୍ଥାନରେ ଦରମା ଅଫିସର ଭାବରେ କାର୍ଯ୍ୟ ପାଇଥିଲେ ଓ ସେହି ସମୟରେ କିଛି ବେସରକାରୀ ସ୍କୁଲ ଶିକ୍ଷାହାସଲ କରିଥିଲେ ।

୧୮୨୨ ମସିହା ବେଳକୁ ଗ୍ଡିକ୍ସଙ୍କ ପରିବାର ଲଣ୍ଡନ ଫେରି ଆସିଲେ ଓ ତାଙ୍କ ପିତା ସେତେବେଳେ ବହୁତ ଋଣଗ୍ରସ୍ତ ହେଇ ସାରିଥିଲେ । ତାଙ୍କ ଋଣଦାତାମାନେ କୋର୍ଟରେ ମୋକଦ୍ଦମା କରିବାରୁ ତାଙ୍କୁ ସେଥିପାଇଁ ପରିବାରସହ ସେହି ସମୟର ପ୍ରଥା ଅନୁସାରେ ମର୍ଶଲ ସୀ ଜେଲରେ ରହିବାକୁ ହେଲା । କେବଳ ଗ୍ଡିକ୍ସ ଏଲିଜାବେଥ ରୟଲ୍ୟାନ୍‌ସ ନାମିକା ଜଣେ ପାରିବାରିକ ବନ୍ଧୁଙ୍କ ସହ ରହିଥିଲେ । ଏଲିଜାବେଥ ବୟସ୍କା ଦରିଦ୍ର ମହିଳା ଥିଲେ ମଧ୍ୟ ଗ୍ଡିକ୍ସ ତାଙ୍କ ଠାରୁ ଖୁବ ସ୍ନେହ ଆଦର ପାଇଥିଲେ ଓ ତାଙ୍କ ଚରିତ୍ର ତାଙ୍କ ଉପନ୍ୟାସ "Dombey and Sons"ରେ ଜଣେ ଆଦରଣୀୟା ମହିଳା "ମିସେସ ପିପଚିନ" ଭାବରେ ଚିତ୍ରିତ କରିଥିଲେ ।

ତାହାପରେ ସେ କିଛି କାଳ ଜଣେ ବୟସ୍କ ଏଜେଣ୍ଟ "ଆର୍ଚିବାଲ୍ଡ ରସେଲ"ଙ୍କ ଗୃହରେ ରହିଥିଲେ । ତାଙ୍କୁ ଡିକେନ୍ସ "ଜଣେ ଖୁସ ମିଜାଜ, ଦୟାଳୁ ଭଦ୍ରବ୍ୟକ୍ତି ଭାବରେ ତାଙ୍କ ଜୀବନୀରେ ଉଲ୍ଲେଖ କରିଥିଲେ ଓ ସେ ହିଁ ଡିକେନ୍ସ ଙ୍କ 'The OldCuriosity Shop' ଉପନ୍ୟାସ ରଚନାର ମୂଳପ୍ରେରଣା ଥିଲେ ।

ନିଜ ଜେଲଗ୍ରସ୍ତ ପରିବାର ପାଇଁ ଅର୍ଥ ଅର୍ଜନ ପାଇଁ ସେ ସ୍କୁଲ ଛାଡ଼ି ଏକ ଜୋତା ରଙ୍ଗ କାରଖାନାରେ ସାମାନ୍ୟ ମଜୁରୀରେ ଦୈନିକ ୧୦ ଘଣ୍ଟା କାମ କରୁଥିଲେ । ଏହି କଠିନ ସମୟର ସ୍ମୃତି ଓ ଅନୁଭୂତି ତାଙ୍କ ଉପନ୍ୟାସ ମାନଙ୍କରେ ପ୍ରତିଫଳିତ ହେଇଥିଲା । ସେହି ସମୟରେ ଅଳ୍ପ ବୟସର ଦରିଦ୍ର ବାଳକ ମାନଙ୍କୁ କିପରି ଶୋଷଣ କରାଯାଉଥିଲା ତାହା ଡିକେନ୍ସଙ୍କ ନିଜେ ଅଙ୍ଗେ ନିଭେଇଥିବା କଥା ହେଇଥିବାରୁ ପରବର୍ତ୍ତୀ ଜୀବନରେ ତାଙ୍କ ଉପନ୍ୟାସ ମାନଙ୍କୁ ସେହି ଦରିଦ୍ର, ଅର୍ଦ୍ଧ-ପାଠୁଆ ବାଳକ ଚରିତ୍ରକୁ ସେ ଖୁବ ଜୀବନ୍ତ ଭାବରେ ଫୁଟେଇଥିଲେ ଓ ନିଜେ ସେମାନଙ୍କ ଜୀବନର ଉନ୍ନତି ପାଇଁ ଅନେକ ସାମାଜିକ ସେବା କରିଥିଲେ ।

କିଛି ମାସ ଜେଲରେ ରହିବା ପରେ ଚାର୍ଲ୍ସଙ୍କ ଜେଜେମାଆ ଏଲିଜାବେଥ ଡିକେନ୍ସଙ୍କ ପରଲୋକ ଘଟିଲା ଓ ତାଙ୍କର ଦାୟାଦ ଭାବରେ ଚାର୍ଲ୍ସଙ୍କ ବାପା ତାଙ୍କ ସମ୍ପତ୍ତି ଉତ୍ତରାଧିକାରୀ ଭାବରେ ପାଇ ଋଣ ସୁଝି ଜେଲରୁ ମୁକ୍ତ ହେଲେ । ଓ ତାଙ୍କ ପରିବାର ମିସେସ ରୋଏଲେନ୍ସଙ୍କ ବାସ ଭବନକୁ ଚାଲିଗଲେ । ତେବେ ଚାର୍ଲ୍ସଙ୍କ ମାତା ତାଙ୍କୁ ଜୋତା କାରଖାନା ଚାକିରି ନ ଛାଡ଼ିବାକୁ ଏବଂ ସେଇଠି ରହିଯିବାକୁ କହିଥିଲେ । ତାଙ୍କ ମାତାଙ୍କ ଏପରି ପକ୍ଷପାତମୂଳକ ବ୍ୟବହାର ବାଳକ ଚାର୍ଲ୍ସଙ୍କ ମନରେ ଗଭୀର ଆଘାତ ଦେଇଥିଲା । ପରବର୍ତ୍ତୀ କାଳରେ ତାଙ୍କର ଉପନ୍ୟାସରେ ସମାଜରେ ଥିବା ସେହିପରି ମହିଳାଙ୍କ ଚିତ୍ରଣ ସେ ନିଖୁଣ ଭାବରେ କରିଥିଲେ । ଓ ତାଙ୍କର ମହିଳାଙ୍କ ପ୍ରତି ଆଭିମୁଖ୍ୟରେ କିଛିଟା ବିତୃଷ୍ଣା ତାଙ୍କ ଲେଖାରେ ପ୍ରତିଫଳିତ ହେଇଥିଲା ।

http://www.appsgeyser.com/4368717



ତାଙ୍କର 'David Copperfield' ଉପନ୍ୟାସରେ ଥିବା ସେହି ସଦୃଶ ଅବହେଳିତ ବାଳକ ଚରିତ୍ର 'ଡାଭିଡ୍' ପ୍ରକୃତରେ ତାଙ୍କ ନିଜ ବାଲ୍ୟାବସ୍ଥାର ଘଟଣାବଳୀ ଦ୍ୱାରା ପ୍ରେରିତ ହୋଇଥିଲା । ସେ ଲେଖିଥିଲେ, "ମୁଁ କାହା ଠାରୁ ଉତ୍ସାହ ପାଇନାହିଁ, ସାନ୍ତ୍ୱନା ପାଇ ନାହିଁ, ସାହାଯ୍ୟ ପାଇନାହିଁ, ଦୟା ପାଇନାହିଁ, ଓ ଏହି ହିସାବରେ ମୁଁ ସ୍ୱର୍ଗକୁ ଯିବାର ଆଶା ରଖିଛି ।"

୧୮୨୭ ମେ ରୁ ୧୮୨୮ ନଭେମ୍ବର ଯାଏ ଏକ ଲ-ପ୍ରତିଷ୍ଠାନରେ କିରାଣୀ ଭାବରେ କାର୍ଯ୍ୟ କରିଥିଲେ । ସେହି ସମୟରେ ପ୍ରତ୍ୟହ ଥିଏଟରକୁ ମଞ୍ଚ ନାଟକ ଦେଖିବାକୁ ଯାଉଥିଲେ । ସେ ସେହି ସମୟରେ ସର୍ଟ-ହାଣ୍ଡ ଲେଖିବା ଅଭ୍ୟାସ କରି ପରବର୍ତ୍ତୀ କାଳରେ ସମ୍ପାଦକ ହିସାବରେ କାର୍ଯ୍ୟ କଲା ବେଳେ ତାହାର ପ୍ରୟୋଗ କରିଥିଲେ । ପ୍ରଥମ କାଳରେ 'Doctors Commons' ନାମକ ପତ୍ରିକାରେ ବିଗ୍ଯର ବିଭାଗୀୟ ରିପୋର୍ଟ ସବୁ ୪ ବର୍ଷ ପାଇଁ ଲେଖୁଥିଲେ ।

୧୮୩୦ ମସିହାରେ 'ଗ୍ରିଲ୍ସ ମାରୀଆ ବିଡନେଲ୍' ନାମକ ଝିଅଙ୍କ ପ୍ରେମରେ ପଡ଼ିଥିଲେ ମଧ୍ୟ ମାରୀଆଙ୍କ ପରିବାର ଏହାକୁ ସ୍ୱୀକୃତି ନ ଦେଇ ମାରୀଆଙ୍କୁ ପଢ଼ିବା ପାଇଁ ପ୍ୟାରିସ୍ ପଠେଇ ଦେଇଥିଲେ ଓ ଏଥିରେ ଗ୍ରିଲ୍ସଙ୍କ ପ୍ରେମ ସମ୍ପର୍କରେ ଯବନିକା ପଡ଼ିଥିଲା ।

୧୮୩୨ ମସିହାରେ ମାତ୍ର ୨୦ ବର୍ଷ ବୟସ୍କ ଗ୍ରିଲ୍ସ ଜୀବନର ଅନୁଭୂତିରେ ସମୃଦ୍ଧ ହୋଇ ସାରିଥିଲେ । ଦିଗହରା ଅନୁଭବ କରୁଥିଲେ ମଧ୍ୟ ସେ ଉଚ୍ଚାଭିଳାଷୀ ଥିଲେ । ସେ ଥିଏଟରରେ ପ୍ରବେଶ କରି ସେଠାରେ ମିମିକ୍ରୀ ବା ଅନ୍ୟ ଚରିତ୍ରମାନଙ୍କ ହାସ୍ୟାଭିନୟର ନକଲ ପ୍ରଦର୍ଶନ କରିଥିଲେ । ତାହା ପରେ ସେ ଲେଖକ ହିସାବରେ ତାଙ୍କର ଅଧ୍ୟାୟ ଆରମ୍ଭ କରିଥିଲେ । ୧୯୩୩ ମସିହାରେ ସେ ତାଙ୍କର ପ୍ରଥମ ଗଳ୍ପ 'A Dinner at Poplar Walk', ଲଣ୍ଡନର ପତ୍ରିକା 'Monthly Magazine'କୁ ପ୍ରେରଣ କଲେ । ଏହା ପରେ ତାଙ୍କର ମାମୁଁ ତାଙ୍କୁ

'The Mirror of Parliament' ନାମକ ବ୍ରିଟିଶ ପାର୍ଲାମେଣ୍ଟର ଜର୍ନାଲରେ ରିପୋର୍ଟର ଭାବରେ କାର୍ଯ୍ୟ ନିଯୁକ୍ତ କଲେ । ଏଥିରେ ସେ ପାର୍ଲିଆମେଣ୍ଟର ବିତର୍କର ବିବରଣୀ ପ୍ରକାଶ କରୁଥିଲେ । ଏହି ସମୟ କାଳ ମଧ୍ୟରେ ସେ ତାଙ୍କର ପ୍ରଥମ ପ୍ରବନ୍ଧ ସଂଗ୍ରହ 'Sketches by Boz' ପ୍ରକାଶ କରିଥିଲେ । ଏଥିରେ ନିଜ କଲମ-ନାମ 'Boz' ଭାବରେ ଉଲ୍ଲେଖ କରୁଥିଲେ । ୧୯୩୫ ମସିହାରେ ସେ ପ୍ରସିଦ୍ଧ ସମ୍ପାଦକ ହୋଗର୍ଥଙ୍କ ସଂସ୍ପର୍ଶରେ ଆସି ତାଙ୍କ ପ୍ରକାଶିତ 'Morning Chronicle'ରେ ଲେଖାମାନ ଦେବା ସହ ତାଙ୍କ ପରିବାରର ନିକଟତର ହେଇଥିଲେ ଓ ହୋଗର୍ଥଙ୍କ ସାନ ଝିଅ କାଥେରିନଙ୍କ ସହ ନିବିଡ଼ତା ସୃଷ୍ଟି କରିଥିଲେ । ସେ ତାଙ୍କୁ ୧୮୩୬ ମସିହାରେ ବିବାହ କରିଥିଲେ । ଏହା ପରେ ତାଙ୍କର ଧାରାବାହିକ ଲେଖା 'The Pickwick Papers' ବହୁଳ ଭାବରେ ଆଦୃତ ହେବାରେ ଲାଗିଲା । ଅଙ୍କିତ ଚିତ୍ର ସହ ପ୍ରକାଶିତ ହେଉଥିବା ଏହି ଧାରାବାହିକ ଯୋଗୁଁ ପତ୍ରିକାର ବିକ୍ରୟ କ୍ରମଶଃ ୪୦,୦୦୦ରୁ ଅଧିକ ହେଇଯାଇଥିଲା ଓ ପତ୍ରିକାର ଜନପ୍ରିୟତା ଏଥିଯୋଗୁଁ ବହୁଳ ଭାବରେ ବୃଦ୍ଧି ପାଇଥିଲା । ୧୮୩୬ ମସିହାରେ ଡିକେନ୍‌ସ 'Bentley's Miscellany' ନାମକ ପତ୍ରିକାର ସମ୍ପାଦକ ପଦ ଗ୍ରହଣ କରି ପରବର୍ତ୍ତୀ ୩ ବର୍ଷ ଏଥିରେ ଧାରାବାହିକ ପ୍ରକାଶନ କରିଥିଲେ । ଏହା ସହ ସେ 'Oliver Twist'କୁ ଧାରାବାହିକ ଭାବରେ ଆରମ୍ଭ କରିଥିଲେ । ଏକ ବାଳକର କାହାଣୀକୁ ନେଇ ଉପନ୍ୟାସ ଭାବରେ ଏହା ଭିକ୍ଟୋରିଆ ଯୁଗର ପ୍ରଥମ ଉପନ୍ୟାସ ଥିଲା ।

ଡିକେନ୍‌ସ ତାଙ୍କର ଆମେରିକା ଭ୍ରମଣର ଅନୁଭୂତି ସବୁକୁ 'American Notes for General Circulation' ନାମକ ଭ୍ରମଣ ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ସେଥିରେ ସେ ଆମେରିକାରେ ଥିବା କୃଷ୍ଣକାୟମାନଙ୍କୁ କ୍ରୀତଦାସଭାବରେ ରଖିବା ପ୍ରଥାକୁ ଗଭୀର ସମାଲୋଚନା କରିଥିଲେ । କିନ୍ତୁ ଆମେରିକାର କେତେକ ସମାଲୋଚକ ତାଙ୍କୁ ବର୍ଣ୍ଣବିଦ୍ୱେଷବାଦୀ ବୋଲି ମଧ୍ୟ ଆଖ୍ୟା

ଦେଇଥିଲେ । ସେ ନ୍ୟୁୟର୍କ ସହରରେ ମାସେ କାଳ ଅବସ୍ଥାନ କରିଥିଲେ । ସେହି ସମୟରେ ସେ ବ୍ୟାପକ ଭାବରେ ବକ୍ତୃତାମାନ ଦେଇଥିଲେ ଆମେରିକାରେ ତାଙ୍କର ଲେଖା ଗୁଡ଼ିକର ସତ୍ୱାବାଦୀ ଅଧିକାରର ଉଲ୍ଲଂଘନ ହେଉଥିବାର ଅଭିଯୋଗ କରିଥିଲେ । ତେବେ ଆମେରିକାନ ସାମ୍ବାଦିକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ତଥାପି ସେ ଆମେରିକାରେ ତାଙ୍କର ଉତ୍କୃଷ୍ଟ ଲେଖା ପାଇଁ ବହୁଳ ପ୍ରଶଂସିତ ହେଇଥିଲେ । ଆମେରିକାରେ ତାଙ୍କର ଅନୁଭୂତିରୁ ସେ ଅନେକ ନୂତନ ଚରିତ୍ର ଚିତ୍ରଣ ପାଇଁ କଥାବସ୍ତୁ ପାଇଥିଲେ ଓ ତାହାର ସଦୁପଯୋଗ ତାଙ୍କର ପରବର୍ତ୍ତୀ ଲେଖା ମାନଙ୍କରେ ତାହା ସ୍ଥାନିତ କରିଥିଲେ ।

୧୮୪୭ ମସିହାରେ ଡିକେନ୍ସ ଆଞ୍ଜେଲା ବରଦେଟ୍ କଉଟ୍ ନାମକ ଜଣେ ଧନୀକ ମହିଳାଙ୍କ ଆର୍ଥିକ ସହାୟତାରେ ଇଂଲଣ୍ଡର ଦରିଦ୍ର ଓ ଅସହାୟ ଅବସ୍ଥାରେ ଥିବା ପତିତା ମହିଳାଙ୍କ ପୁନର୍ବାସ ବ୍ୟବସ୍ଥା ପାଇଁ 'Urinaa Cottege' ନାମକ ଏକ ଅବାସ ସ୍ଥାପନ କରି ତାହାକୁ ୧୦ ବର୍ଷ କାଳ ନୀତି ନିର୍ଧାରଣ, ଆବାସୀ ଚୟନ କାର୍ଯ୍ୟ ସହ ପରିଗ୍ଳନା କରିଥିଲେ । ଏଥିରେ ସେ ସେହି ପତିତା ମହିଳା ମାନଙ୍କୁ ସମାଜରେ ପୁନଃ-ସଂସ୍ଥାପନାପାଇଁ ଶିକ୍ଷାଦାନର ମଧ୍ୟ ବ୍ୟବସ୍ଥା ରଖିଥିଲେ । ତାଙ୍କ ସମୟ କାଳ ମଧ୍ୟରେ ସେଠାରୁ ପ୍ରାୟ ୧୦୦ ଜଣ ମହିଳା ଗ୍ରାଜୁଏଟ ହେଇ ପାରିଥିଲେ ।

୧୮୫୭ ମସିହାରେ ଡିକେନ୍ସ ପେଶାଗତ ଅଭିନେତ୍ରୀ ଆଣି ତାଙ୍କ ରଚିତ 'The Frozen Deep'ର ମଞ୍ଚସ୍ଥ କରେଇଥିଲେ । ସେହି ନାଟକର ଅଭିନେତ୍ରୀ 'ଏଲେନ ତେରନାନ'ଙ୍କ ସହ ତାଙ୍କର ପ୍ରେମ ସମ୍ବନ୍ଧ ମଧ୍ୟ ସ୍ଥାପିତ ହେଇଥିଲା ଓ ଏହା ତାଙ୍କ ଜୀବନର ଶେଷ କାଳ ଯାଏ ଗୋପନୀୟ ଭାବରେ ରହିଥିଲା । ତେବେ ଏହା ଜାଣି ତାଙ୍କର ପତ୍ନୀ ତାଙ୍କୁ ଛାଡ଼ପତ୍ର ଦେଇଥିଲେ ଓ ନିଜେ ଜଣେ ସନ୍ତାନକୁ ନେଇ ଭିନ୍ନ ହେଇ ରହିଥିଲେ । ଡିକେନ୍ସଙ୍କ ଅନ୍ୟ ସନ୍ତାନମାନେ ଜର୍ଜିନାଙ୍କ

ଦେଖାରେଖାରେ ରହିଲେ ।

୧୮୬୮-୬୯ ବେଳକୁ ଡିକେନ୍‌ସଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଆଡ଼କୁ ଯାଇଥିଲା । ସେ ହୃଦଘାତରେ ମଧ୍ୟ ପଡ଼ିଥିଲେ । ତେବେ ସେ ସେହି ସମୟ ମଧ୍ୟରେ ପ୍ରାୟ ୧୦୦ଟି ବକ୍ତୃତା ବିଭିନ୍ନ ସ୍ଥାନରେ ଦେଇଥିଲେ ଯାହାକୁ 'farewell readings' ବା 'ବିଦାୟକାଳୀନ ବକ୍ତୃତାମାଳ' କୁହାଯାଇଥାଏ । ଏହି ସମୟରେ ସେ ତାଙ୍କର ଶେଷ ଉପନ୍ୟାସ 'The Mystery of Edwin Drood' ରଚନା କରିଥିଲେ । ଏହା ସାଂପ୍ରତିକ ସମୟରେ ଇଂଲଣ୍ଡରେ ଭୟଙ୍କର ରୂପ ନେଇଥିବା 'ନିଶା' ପ୍ରଚଳନ ଉପରେ ପର୍ଯ୍ୟବେଶିତ ଥିଲା । ୧୮୭୦ ଜୁନ ୮ ତାରିଖରେ ସେ ସାରାଦିନ କାର୍ଯ୍ୟକଳାପରେ ପୁଣି ହୃଦଘାତର ଶିକାର ହୋଇଥିଲେ ଏବଂ ଏହା ପରଦିନ ସେ ପ୍ରାଣତ୍ୟାଗ କରିଥିଲେ । ଡିକେନ୍‌ସ ତାଙ୍କୁ ଏକ ସାଧାରଣ କବରଖାନାରେ ନିରାଡ଼ମ୍ବର ଭାବରେ କବର ଦେବାକୁ ଆଗରୁ ଇଚ୍ଛା ପ୍ରକଟ କରିଥିଲେ ମଧ୍ୟ ତାଙ୍କୁ ଶ୍ରେଷ୍ଠ ସମ୍ମାନର ସହିତ ଇଂଲଣ୍ଡର ସମ୍ଭ୍ରାନ୍ତ ୱେଷ୍ଟମିନଷ୍ଟର୍ ସ୍ଥିତ 'Poets' Corner'ଠାରେ କବର ଦିଆଯାଇଥିଲା । ତାଙ୍କ ମୃତ୍ୟୁରେ ଇଂଲଣ୍ଡର ଦଳିତ, ଅବହେଳିତ, ନିଷ୍ପେସିତ ଲୋକମାନେ ଜଣେ ସାହାଯ୍ୟକର୍ତ୍ତା, ସହାନୁଭୂତିଶୀଳ ମହାନ ବ୍ୟକ୍ତିଙ୍କୁ ହରାଇଥିଲେ ।

ଅବସରପ୍ରାପ୍ତ ଅଧ୍ୟକ୍ଷ,

ଝାରସୁଗୁଡ଼ା, ଓଡ଼ିଶା

http://www.appsgeyser.com/4368717

# ପାଷାଣି ନାୟିକା



ଦୀପକ ଷଡ଼ଙ୍ଗୀ

କୋଣାର୍କ ମନ୍ଦିରର ପାଷାଣି ନାୟିକା
ଅଟଇ ଅଳସି କନ୍ୟା,
ଶିଳ୍ପୀ ଗୋ ତୁମେ ଆଙ୍କି ଦେଇ ଅଛ
ଶୃଙ୍ଗାର ଭର୍ ବନ୍ୟା ।
ନାୟିକା ଆଖିରେ ସ୍ୱପ୍ନ ଅନେକ
ନଦ ତ ଆସଇ ନାହିଁ,
ରୁଣୁଝୁଣୁ ହୋଇ ନୂପୁର ବଜାଇ
ଗୁଣୁଗୁଣୁ ଗୀତ ଗାଇ ।
କେତେ ମୌସୁମୀ ପବନ ବହୁଛ
ଆସିଛ ବସନ୍ତ ପୁଣି
ଶିଳ୍ପୀର ସେଇ ନହାଣ ମୁନରେ
ଅଶ୍ରୁ ହିଁ ତାର କାହାଣୀ ।
ଅତୀତର ସବୁ ଇତହାସର
ମୂକସାକ୍ଷୀ ଅଟେ ସିଏ,
ଫିକା ଫିକା ସ୍ମୃତ ସାଉଁଟି ଦେଇ
ମନକୁ ଭୁଲାଇ ଦଏ।
ଚରଦନ ପାଇଁ ପଥର ରୂପରେ
ସବୁପୁଣି ଦେଖୁଥାଏ,
ଶିଳ୍ପୀର ସେଇ ନହାଣମୁନ
କେତେ କଥା କହୁଯାଏ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ସମୟ ସମୟର କଥା



ଶାରଦା ପ୍ରସାଦ ପରଡ଼ା

ଆଜି ଯିଏ ଶତ୍ରୁ,

ହୋଇପାରେ କାଲି ମିତ୍ର;

ମିତ୍ର ବି ହୋଇପାରେ ଶତ୍ରୁ,

ଏ'ତ ସମୟ ସମୟର କଥା ।

ହସ ଥିଲେ ଲୁହ ଅଛି

ମଣିଷ ତ ନିୟତିର ଦାସ,

ଦୁଃଖ, ସୁଖ, ହସ, ଲୁହ

ସମୟର ଖେଳ

ଆଜି ରଜା ଯିଏ

କାଲି ହୋଇପାରେ ଦୀନ,

ଏ ସବୁ ସମୟ ସମୟର କଥା ।

ଆଜି ଯା'ର କଥା କଟୁ ଲାଗେ

ହୁଏ ତ ସତ କହୁଥିବ,

କାଲି ବୁଝା ପଡ଼ିଯିବ;

ସତ ଜାଣିଗଲା ପରେ

କଟୁ କଥା ତା'ର ଅମୃତ ଲାଗିବ

ତେଣିକି ପରଖିବ ବ୍ୟଥା

ମାତ୍ର, ଏ ସବୁ ତ

ସମୟ ସମୟର କଥା ।

ଆଜ ଯିଏ ଆପଣା ଠୁ ଆପଣା,

ଦେଇ ପାରେ କାଲ ସିଏ ଧୋକା;

ଅଣ୍ଟି ଛୁର ତଣ୍ଟି କାଟି ପାରେ,

ଅଚହ୍ନା ବ ଦେଇପାରେ ଆଶ୍ରୟ

ହୃଦୟରେ ଗଢ଼ିପାରେ ଜାଗା;

ପର ବ ଆପଣାର ହୋଇପାରେ

ହରବ ତୋ ବ୍ୟଥା

ଏ ତ ସମୟ ସମୟର କଥା ।

ଦୁଃଖ ଆଉ ସୁଖ ତ ନୟତର ମାୟା,

ହାନ ଲାଭ ତାର ଦୁଇଟି କଷଟି;

ମିତ୍ର ଆଉ ଶତ୍ରୁ କେହ ଚରକାଳ ନୁହଁ,

ସବୁ କଛ ସମୟ ସମୟର କଥା ।

ହଂସା, ପ୍ରତହଂସା, ଦ୍ୱେଷ

କ୍ଷଣି କରେ ଜନ୍ମ,

କ୍ଷଣି କରେ ଭଷ୍ମ;

ଆଜ ଯଦ କ୍ଷତ କରେ କା'ର

କ୍ଷଣକର ଲାଗି,

ହୋଇପାରେ କାଲ ନଜ ସାଥେ ଧୋକା,

ଇଏ ତ ସମୟ ସମୟର କଥା ।

ବଶାଳ ଏ ଦୁନିଁଆରେ

କେହି ଜୀଇଁ ନାହିଁ ଏକା,

ପ୍ରତି କ୍ଷଣ ପ୍ରତି ମୂହୁର୍ତ୍ତରେ

ହିସାବ ଚାଲିଛି;

ଆଜି ତା'ର ପାଳିଥିଲା,

କାଲି ତୁମର ଆସୁଛି ;

ଏତ ସମୟ ସମୟର କଥା ।

ଲୋଭ ନାହିଁ ଚାପି ଧର ହୃଦୟରେ,

ଦ୍ୱେଷ ଘୃଣା ହିଂସା

ସୁନ୍ଦର ଏ ପୃଥିବୀରେ,

କିଛି କାଳ ଜୀଇଁବାକୁ ହେବ

ଆସ ବାଣ୍ଟିଯିବା ହସ

କିଏ ଦେଖୁଛି ଭବିଷ୍ୟତ

ସବୁ ତ ସମୟ ସମୟର କଥା ।

ଅଧ୍ୟାପକ,

କୋଣାର୍କ ବିଜ୍ଞାନ ଓ କାରିଗରୀ ମହାବିଦ୍ୟାଳୟ,

ଜଟଣୀ, ଭୁବନେଶ୍ୱର

http://www.appsgeyser.com/4368717

# ନର୍ବାଚନର ବେଳା



ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

'କରେ କୋଉଠି ଅଟକ ଯାଇଥିଲୁ ? ତତେ ପର କହଥିଲ ଶୀଘ୍ର ଯାଇ ଆସିବୁ ବୋଲ ? ସାଇକେଲ୍‌ଟା ନେଇ ଗଲୁ ଯେ ଘଣ୍ଟାଏ କାଳ ମୁଁ ଏଇଠି ବସିଛ ତୋ ଅପେକ୍ଷାରେ ।' ଦୋକାନ ସାମନାରେ ସାଇକେଲ୍‌ଟା ଥୋଇଦେଇ ଗ୍ଲବ ପକାଉ ପକାଉ କୁନା କହଲା, 'ଆମ ଘରକୁ ପର ମନ୍ତ୍ରୀ ଆସିଥିଲେ । ଏତେ ଗହଳ ଥିଲା, କେମିତ ଆସିଥାନ୍ତ କହଲୁ ?' ଗଗରେ ଗର ଗର ହେଉଥିବା ହରଆ ଥଣ୍ଡା ପଡ଼ିଗଲା । ହସିଦେଇ କହଲା, 'ହଁ, ତୋ ବୋପା ତ ମୁଖ୍ୟମନ୍ତ୍ରୀ ନା, ତାକୁ ଦେଖିବାକୁ ମନ୍ତ୍ରୀ ଆସିଥିବ ଆଉ...' ହରଆ କଥା ଶୁଣି ଦୋକାନ ବାରଣ୍ଡାରେ ବସିଥିବା ସବୁ ଲୋକ ଫେଁ କନା ହସିଦେଲେ । କୁନା କନ୍ତ କଥାକୁ ଜମା ଧରଲାନ । ସାଇକେଲ୍ ଗ୍ଲବଟା ହରଆ ହାତରେ ଦେଉ ଦେଉ କହଲା, "ଯା, ଗାଁକୁ ଦେଖିବୁ । ଗାଁ ମଣ୍ଡପ ଉପରେ ମନ୍ତ୍ରୀ ବସିଛ ।" ହରଆ ଏବେ କଥାଟାକୁ ଗମ୍ଭୀରତାର ସହ ନେଉଥିବା ବେଳେ ସୁବୁଦ୍ଧି ଦୋକାନୀ କହଲା, "ଆରେ ହେ, ନର୍ବାଚନ ସମୟ ଟି । ପିଲାଟା ସତ କହୁଥିବ । କାଲ ଶୁଣିଥିଲ ମନ୍ତ୍ରୀ ବଧିରପଲ୍ଲୀ ଯାଇଥିଲା, ଗାଁ କୋଠକୁ ଗ୍ଲଳଶି ହଜାର ଟଙ୍କା ଦେଇଛ, ଆଉ କହଛ କାଳେ ତାଙ୍କ ପାର୍ଟି ଜତଲେ, ଗାଁ କୋଠକୁ ବଡ଼ ଟିଭଟେ ଦେବ ।' ସୁବୁଦ୍ଧିର କଥା ନ ସରୁଣୁ ହରଆ ସାଇକେଲ୍ ନେଇ ସେଠାରେ ଗାଁ ଆଡ଼କୁ ଗ୍ଲଲଗଲା ।

ସନ୍ଧ୍ୟା ବେଳକୁ ସୁବୁଦ୍ଧି ଦୋକାନ ସାମନାରେ ସଭା ବସିଥିଲା । ଆଉ ଦୁଇ ଦନପରେ ନର୍ବାଚନ । ପଞ୍ଚାୟତ ନର୍ବାଚନ ହେଲେ କଣ

ହେଲା, ଗାଁ ପାଇଁ ଏଇଟା ଗୋଟେ ବଡ଼ ଘଟଣା । ପାଞ୍ଚବର୍ଷ ତଳେ ଏହି ନିର୍ବାଚନ ସମୟରେ ଗାଁ କୋଠକୁ କୋଡ଼ିଏ ହଜାର ଟଙ୍କା ଦେଇଥିଲେ ବୋଲି ମନ୍ତ୍ରୀଙ୍କ ଲୋକେ ଜିତିଯାଇଥିଲେ । ହେଲେ ଏବେ ଆଉ ସେତିକରେ ଚଳିବନି । ଜିନିଷ ପତ୍ର ଯାହା ମହରଗ ହେଲାଣି, ଲୋକେ କଣ ମାନିବେ ? ଶୁଣାଯାଉଥିଲା ବିରୋଧୀବାଲାଏ କାଳେ ଏଥର ଅଧିକ ଦେବେ ବୋଲି କଥା ଦେଇଥିଲେ । ହେଲେ ମନ୍ତ୍ରୀ ଆସି ସବୁ ବୁଝିବାପରେ ହାତାହାତି ଗାଁ ପିଲାଏ କରିଥିବା କ୍ଲବ୍ ଘରକୁ ଷାଠିଏ ହଜାର ଟଙ୍କା ଦେଇ ପକେଇଲେ, ନିର୍ବାଚନଟା ସରିବା ପରେ ଗାଁରେ ଭଲ ଭୋଜିଟିଏ କରିବା ବୋଲି କଥା ଦେଇଦେଲେ । ଏବେ ତାଙ୍କୁ ଭୋଟ୍ ନ ଦେଲେ କେମିତି ହେବ ?

ଦୋକାନ ପିଣ୍ଡାରୁ ଟିକେ ଦୂରରେ ବସିଥିଲା, ଘାସି ନାଏକ । କହିଲା, "ଆଜ୍ଞା ହେ, ମନ୍ତ୍ରୀକୁ କହି ମୋ ପେଇଁ ଘରପଟା ଖଣ୍ଡେ କରି ଦେବନି ? କେତେ ଦିନ ଆଉ ବାରଦୁଆର ଶୁଣ୍ଡିପିଣ୍ଡା ହେବ ? ଗଲା ଥର ମନ୍ତ୍ରୀ କଥା ଦେଇଥିଲା କରିଦେବ ବୋଲି ଯେ ଭୋଟ୍ ଦେଇଥିଲି, ଆମ ସାହିର ସବୁ ଭେଣ୍ଡାଦଣ୍ଡା ଭୁଆସୁଣୀଙ୍କୁ ନେଇ ଭୋଟ୍ ଦେଇଥିଲି । ହେଲେ ପାଞ୍ଚବର୍ଷ ଧାଇଁ ଧାଇଁ ଗୋଡ଼ର ଚପଲ ଘଷି ହେଇଗଲା ସିନା, ଘରପଟା ଖଣ୍ଡେ ମିଳିଲାନି ।" ସେହି ରାସ୍ତାରେ ଯାଉଥିଲା ବିରୋଧୀ ଦଳର ଜଣେ ପିଲା କହିଲା, "ବୁଝିଲୁ କକା, ଟଙ୍କା ଦେଇ ଯିଏ ଭୋଟ୍ ନେଉଛି ସିଏ କଣ କରିବ ? ତମେ ସବୁ ସେଇ ନୋଟ୍ ଦେଖି ଭୁଲିକି ଯାଉଛ । ଆମ ଦଳକୁ ଭୋଟ୍ ଦେଇଥାନ୍ତ ବୋଇଲେ ଦେଖିଥାନ୍ତ । କଣ କଣ ସବୁ ହେବ ।"

ଘାସି ନାଏକ ଭଲକରି ଟୋକାକୁ ଦେଖି କହିଲା, "ବୁଝିଲୁ ବାପ, ନିର୍ବାଚନ ଏବେ ହେଉନି । ଏମିତି କେତେ ଆସିଲେଣି ଗଲେଣି । ତମ ଦଳ ହଉ କି ଆଉ କା' ଦଳ, କଥା ସବୁ ସମାନ । ଭୋଟ୍ ପାଇଗଲାପରେ ଆମେ କିଏ ତମେ କିଏ ?" ବିଚରା ଟୋକାଟା ଗାଡ଼ିକୁ ମୋଡ଼ିଦେଇ ଚାଲିଗଲା । ଦୋକାନ ଆଗରେ ବସିଥିବା ଲୋକମାନେ ଗୁଣୁଗୁଣୁ ହେଉଥିଲେ । ଗାଁର ନୂଆ ନୂଆ ଶିକ୍ଷା ସହାୟକ ହେଇଥିବା

http://www.appsgeyser.com/4368717

କାଳିଆ କହୁଥିଲା ଶଃ.. ଏଇ ସରକାର ଆମକୁ ଠକି ଚାଲିଛି । ମାଗଣାରେ ଖାଇବାକୁ ଦେଇଦେଲେ କଣ ଦେଶ ଉନ୍ନତ ହେବ ? ଗାଁକୁ ସଡ଼କ କାହିଁ ? ବେକାରିକୁ ରୋଜଗାର କାହିଁ ? ଦେହ ପା ଖରାପ ହେଲେ କିଏ ଦେଖିବାକୁ ଅଛି ? ଯାହା ଅର୍ଜିଥିଲୁ ସବୁ ତ ସେଇମାନେ ଭାଇଭାଗ ହେଲାପରି ନେଇଗଲେ । ଭାବିଥିଲୁ କିଛି ହେବ, ହେଲେ ନାହିଁ ତମେ ଶଃ... ଗୁଡ଼ାକ ମୁଠେ ଟଙ୍କା ଆଉ ମଦ ବୋତଲ ଦେଖିଲେ ସବୁ ଭୁଲିଯାଉଛ । ଏହି ସମୟରେ କୁନା ଗାଁ ଆଡୁ ତରକି ମାରି ଆସିଲା । ତାକୁ ଦେଖି ସୁବୁଦ୍ଧି କହିଲା, "ଏବେ କିଏ ଆସିଲା ରେ ? ମନ୍ତ୍ରୀ ନା ଆଉ କିଏ ?" କୁନା ନିଃଶ୍ୱାସ ମାରିଦେଇ କହିଲା, "ଘନ ମହାନ୍ତି ଖଳାରେ ସବୁ ବସିଛନ୍ତି । ମିଟିଂ ବସିବ । ମନ୍ତ୍ରୀ ଆଉଥରେ ଆସିବ । ମାଲପାଣି ଆସିଛି ବୋଲି ସବୁ କହୁଛନ୍ତି ।"

କାଳିଆ କହିଲା, "ହେଇ ଦେଖ, ପୁଣି ସେଇ ମାଲପାଣି । ହାତରେ ଟଙ୍କା ଦୁଇଶ ପାଞ୍ଚଶ ଗୁଞ୍ଜିଦେଇ ହାତରେ ବୋତଲଟେ ଧରେଇ ଦେଲେ ତ ଗଲା ।..." ହରିଆ ସୁବୁଦ୍ଧିକୁ ଚାହିଁଥିଲା । ସୁବୁଦ୍ଧି ଦୋକାନର କବାଟ ସବୁ ବନ୍ଦ କରିବାକୁ ଲାଗିଥିଲା । କାଳିଆର କଥା ସେମିତି ଚାଲିଥିବା ବେଳେ ଜଣେ ଜଣେ କରି ସବୁ ଉଠି ଚାଲିଯାଇଥିଲେ ଗାଁ ଆଡ଼କୁ । କାଳିଆ ନୀରବ ହୋଇ ଦେଖୁଥିଲା ଘାସି ନାଏକ ଆଡ଼କୁ । ଘାସି ନାଏକ କୌଣସି ପ୍ରତିକ୍ରିୟା ନ ଦେଖାଇ ଚାଲିଯାଉଥିଲା । ଗୁଣୁ ଗୁଣୁ ହଉଥିଲା, ଟଙ୍କା ପାଁଆଶ ଦେଏନ୍ତା କି ? ଉଧାର ଆଣିଛି ସୁଝି ଦେଇଥାନ୍ତି ।

ବୀମା ନଗର, ଆମ୍ବପୁଆ

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

# କର୍ଣ୍ଣ ପ୍ରୟାଗ



ସୁଶାନ୍ତ ପୁରୋହିତ

ଭାରତର ୫ଟି ପ୍ରୟାଗ, ଯାହାକୁ ପଞ୍ଚ-ପ୍ରୟାଗ କୁହା ଯାଇଥାଏ ସେ ଗୁଡ଼ିକ ହେଲା, ବିଷ୍ଣୁ ପ୍ରୟାଗ, ନନ୍ଦା ପ୍ରୟାଗ, କର୍ଣ୍ଣ ପ୍ରୟାଗ, ରୁଦ୍ର ପ୍ରୟାଗ ଓ ଦେବ ପ୍ରୟାଗ । ଆଲ୍ହାବାଦ, ଯେଉଁ ଠାରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମ ଘଟିଥାଏ ତାହାକୁ 'ପ୍ରୟାଗ' କୁହାଯାଏ । ଏହା ଭାରତୀୟ ହିନ୍ଦୁ ଧର୍ମର ଏକ ବହୁତ ମହତ୍ତ୍ୱପୂର୍ଣ୍ଣ ତୀର୍ଥସ୍ଥଳୀ ଭାବରେ ପ୍ରସିଦ୍ଧ । ଏହା ମଧ୍ୟରୁ କର୍ଣ୍ଣ ପ୍ରୟାଗ ତୀର୍ଥସ୍ଥଳୀ ଉତ୍ତରାଖଣ୍ଡ ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ରହିଛି । ପିଣ୍ଡାର ନଦୀ ଓ ଅଳକାନନ୍ଦା ଏଠାରେ ମିଶୁଥିବା ବେଳେ ବରଫାବୃତ ନନ୍ଦାଦେବୀ ପର୍ବତ, ତ୍ରିଶୂଳ, ଦ୍ରୋଣ ଗିରି, ନାରଦ ଗୁଣ୍ଠି, ମୃଗଠୁଣି ଓ ମାଇକଟୋଲି ପର୍ବତ ଏହା ନିକଟରେ ରହିଛି । କର୍ଣ୍ଣ ପ୍ରୟାଗଠାରେ ମହାଭାରତର କର୍ଣ୍ଣ ଆସି ସେହି ସ୍ଥଳରେ ସୂର୍ଯ୍ୟ ଉପାସନା କରିଥିଲେ ବୋଲି କୁହାଯାଇଥାଏ । କର୍ଣ୍ଣ ପ୍ରୟାଗଠାରେ ଏକ ପୁରାତନ ମନ୍ଦିର ମଧ୍ୟ ରହିଛି ଯାହା ଦେବୀ ଉମାଙ୍କୁ ସମର୍ପିତ ।

ଭିନ୍ନ ଏକ ବର୍ଣ୍ଣନା ଅନୁସାରେ ଏଠାରେ ଭଗବାନ ଶ୍ରୀ କୃଷ୍ଣ ମହାଭାରତ ଯୁଦ୍ଧରେ କର୍ଣ୍ଣ ଅର୍ଜୁନଙ୍କ ଦ୍ୱାରା ବଧ ହେବା ପରେ ସମାଧି ଦେଇଥିଲେ । ଏହି ଗଳ୍ପଟି ଅତି ରୋଚକ ହେଇଥାଏ । ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀ କୃଷ୍ଣ ଅର୍ଜୁନଙ୍କ ରଥ ସାରଥି ହୋଇ ତାଙ୍କୁ ସବୁ କୌଶଳ ଅନୁସାରେ କୌରବ ବୀରମାନଙ୍କୁ ଜିତିବାରେ ସାହାଯ୍ୟ କରୁଥିଲେ । ମହାବୀର କର୍ଣ୍ଣ ତାଙ୍କ ଜୀବନକାଳ ମଧ୍ୟରେ ମହାଦାନୀ ଭାବରେ ବହୁତ ପୁଣ୍ୟ ଅର୍ଜନ କରିଥିଲେ । ସେ ଯିଏ

http://www.appsgeyser.com/4368717

ଯାହା ମାଗୁଥିଲେ ତାହା ନିଶ୍ଚୟ ଦାନ କରୁଥିଲେ । ଯୁଦ୍ଧ ସମୟରେ ଅର୍ଜୁନ ଯାହା କଲେ ମଧ କର୍ଣ୍ଣଙ୍କୁ ନିହତ କରିପାରୁ ନ ଥିଲେ । କର୍ଣ୍ଣଙ୍କ ରଥ ଚକ ଥରେ ଭୂମି ଭିତରେ ଦବି ଯାଇଥିଲା ବେଳେ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଅର୍ଜୁନ ନିରସ୍ତ୍ର କର୍ଣ୍ଣଙ୍କ ଉପରେ ଅଞ୍ଜଳିକା ଅସ୍ତ୍ର ପ୍ରୟୋଗ କଲେ । ମାତ୍ର ଧର୍ମଦେବତା କର୍ଣ୍ଣଙ୍କୁ ରକ୍ଷା କରୁଥିବାରୁ ସେ ନିହତ ହେଉ ନ ଥିବା କଥା ଭଗବାନ ଶ୍ରୀକୃଷ୍ଣ ଜାଣିପାରିଲେ । ଧର୍ମ ଦେବତାଙ୍କ ରକ୍ଷଣ ମିଳୁଥିବା ଯାଏ କର୍ଣ୍ଣଙ୍କୁ କେହି ମାରିପାରିବେ ନାହିଁ ଜାଣି ଶ୍ରୀକୃଷ୍ଣ ଉପାୟ ଚିନ୍ତା କଲେ । ସେ ଏକ ବ୍ରାହ୍ମଣ ବେଶରେ କର୍ଣ୍ଣଙ୍କ ନିକଟରେ ପହଞ୍ଚିଲେ ଓ ତାଙ୍କୁ ତାଙ୍କର ଅର୍ଜିତ ସମସ୍ତ ଧର୍ମ ଦାନ ହିସାବରେ ମାଗିଲେ । ମହାଦାନୀ କର୍ଣ୍ଣ ସେଇ ମୁହୂର୍ତ୍ତରେ ତାଙ୍କର ସମସ୍ତ ଅର୍ଜିତ ଧର୍ମକୁ ରକ୍ତ ହିସାବରେ ବ୍ରାହ୍ମଣରୂପୀ କୃଷ୍ଣଙ୍କୁ ପ୍ରଦାନ କରିଦେଲେ । ଭଗବାନ ଶ୍ରୀକୃଷ୍ଣ ସେହିଠାରେ କର୍ଣ୍ଣଙ୍କୁ ତାଙ୍କର ବିଶ୍ୱରୂପ ଦର୍ଶନ କରାଇଥିଲେ । ତାହା ପରେ ଅର୍ଜୁନଙ୍କ ଶର ଦ୍ୱାରା କର୍ଣ୍ଣ ନିହତ ହେଲେ । ଅର୍ଜିତ ଧର୍ମ ଚାଲିଯାଇଥିବା ହେତୁ ଆଉ ଧର୍ମଦେବତା ତାଙ୍କୁ ସୁରକ୍ଷା ଦେଇ ପାରି ନ ଥିଲେ । କର୍ଣ୍ଣ ମୃତ୍ୟୁ ଆଗରୁ ଭଗବାନଙ୍କ ମାୟା ବିଷୟ ଜାଣି ମଧ ଦୁଃଖିତ ନ ହୋଇ ତାଙ୍କୁ ମରଣ ପରେ ଏପରି ଏକ ସ୍ଥାନରେ କବର ଦେବାକୁ କହିଥିଲେ ଯେଉଁଠାରେ କାହାର ପାଦ ପଡ଼ିନଥିବ । ଶ୍ରୀକୃଷ୍ଣ କର୍ଣ୍ଣ ଅର୍ଜୁନଙ୍କ ଶର ଦ୍ୱାରା ନିହତ ହେଲା ପରେ ତାଙ୍କ ଶରୀରକୁ  ନେଇ କର୍ଣ୍ଣପ୍ରୟାଗ ଠାରେ ସମାଧି ଦେଇଥିଲେ ।

କର୍ଣ୍ଣ ପ୍ରୟାଗ ସ୍ଥାନଟି ଦୁଇଟି ଯାକ ନଦୀର ସ୍ୱଚ୍ଛ ଜଳଧାରାର ମିଳନ ସ୍ଥଳରେ ରହିଥିବାରୁ ଏବଂ ଉଚ୍ଚ ପର୍ବତରେ ରହିଥିବାରୁ ଏକ ଅତ୍ୟନ୍ତ ମନୋରମା ସ୍ଥାନ ଓ ଶୈଳ ନିବାସ । ଏଠାକୁ ଗ୍ରୀଷ୍ମ କାଳରେ ଅନେକ ଭକ୍ତଙ୍କ ସହ ପର୍ଯ୍ୟଟକ ମଧ ଆସିଥାନ୍ତି ।

# ଦୁଇ ସମୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## *ବାର୍ଦ୍ଧକ୍ୟ*

- ଆରେ ଶୁଣୁଛ ? ଏଇ ସେ ପିଲାଟାର ନାଁ କଣ ଥିଲାଟି ?

- କୋଉ ପିଲା ?

- ଆରେ ସେଇ ପିଲାଟା । ଏଇ ଆମକୁ ଗାଡ଼ିରେ ବସେଇବା ପାଇଁ ଆସିନଥିଲା ।

- ଓଃ, ହଁ । ଏଇ ଆମ ସଉଦାମିନୀର ଦିଅରର ପୁଅଟା ବା । କଣ ତା ନାଁ ଟା ସତେ । କେଡ଼େ ସୁନ୍ଦର ନାଁଟା ଥିଲା ।

- ଭଲ ପିଲାଟା । ସିଏ ନଥିଲେ ଆମକୁ ଗାଡ଼ିରେ ଯାଗା ମିଳିଥାନ୍ତା କି ? ହେଲା ଯେ ତା ନାଁଟା କଣ କିଛି ମନେ ପଡୁନି ।

- ତମେ ବୁଢ଼ା ହେଇଗଲଣି, ବୁଝିଲ । କିଛି ମନେ ରଖୁନ ?

- ଆଉ ତମେ ? ତମେ ତ ସବୁ ମନେ ରଖୁଛ, କହୁନ ।

- ଏଇ ତୁଣ୍ଡ ଅଗରେ ଅଛି ଯେ ମନେ ପଡୁନି । ଥାଉଲୋ ମା ଆଉ ଏତେ ଭାବିଲେ ହବନି । ଯାଉଛି ଗ୍ଲୁ' ଟିକେ କରି ଆଣିବି । ତମେ ତ ବସି ଖବର କାଗଜ ପଢ଼ିବା ଲୋକ ତମକୁ ସେ ପିଲାର ନାଁ କାହିଁକି ଦରକାର କହିଲ ?

- ଏଁ, ହଁ । ସତେ ତ । ଛୁଡ଼ ଯାଅ ଗ୍ଲୁ ନେଇ ଆସ ।

## ଯୌବନ

- ସେ ତତେ ଧମକେଇ ଦେଲା ଆଉ ତୁ ଚୁପ୍ଚାପ୍ ଚାଲି ଆସିଲୁ ?

- ଆଉ କଣ କରିଥାନ୍ତି ଯେ ? ଏକା ଥାଆନ୍ତି ନା, ଦେଇଥାନ୍ତି । ଶଃ.. ସାଙ୍ଗରେ ଚାରିଟା ଥିଲେ ତ..

- ଆଉ ତୁ ଡରିଗଲୁ । ଛେ... ତୋ ଦେଇ ହବନି । ବୁଝିଲୁ, ଚୁଡ଼ି ପିନ୍ଧି ଘରେ ବସ ।

- ହେ ସେମିତି ଆଉ କହନା । ଏତେ ସାହାସ ଯଦି ଚାଲ ଯିବା । ଏଇ ଆମ ସାହି ସେପାଖ ଚେମେଣାର ଚା' ଦୋକାନ ପାଖରେ ଛିଡ଼ା ହେଇଛନ୍ତି । ତୁ କଣଟା କରିଦେବୁ ଦେଖିବି ।

- ଯା ଯା, ନିଜେ ତ କିଛି କରି ପାରିଲୁନି, ମୋତେ ଚୁଲିଟାରେ ଉସୁକାନା ।

- ନାଇ ତତେ ଉସୁକେଇବି କାହିଁକି ? ଖାଲି ଥରେ ମୋତେ ଦେଖେଇ ଦେ କେମିତି ତୁ ସିଚୁଏସନ୍ ହେଣ୍ଡଲ୍ କରୁଛୁ ?

- ଯା, ତୋ ପର୍ସନାଲ୍ କଥାରେ ମୋ ମୁଣ୍ଡ ଖେଳାଇବାର ନାହିଁ ।

- ହେ ହେ ହେ ।

- ଆବେ ହସୁଛୁ କଣ ? ମୋ କଥାରେ ବିଶ୍ୱାସ ନାଇଁ ।


- ନା ନା ତୁ ବଡ଼ ସିଆଣାଟା ଜାଣିଛି । କହିଲିନା କଣ....

ବୀମା ନଗର, ଆମ୍ବପୁଆ

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

http://www.appsgeyser.com/4368717

# କେମିତ ବାଛଲୁ



ଲୀନା ମହାନ୍ତ

ଏମିତ ଛଳନା କଲୁ ତୁ କେମିତ
ସେ ନଆଁରେ ମୁଁ ଯେ ଜଳେ ଦନରାତ
କେମିତ ଦେଲୁ ତୁ ଏତେକ ଯନ୍ତ୍ରଣା
ତୋ ଭଲ ପାଇବା ଲାଗେ ପ୍ରତାରଣା
ଭାବଲୁନ ଥରେ ଥିଲ ତୋ ନଜର
ମୁହୂର୍ତ୍ତକେ କଲୁ ମୋତେ ସାତପର
ଗୁଡ଼ିଯିବା ଯଦ ଥିଲା ତୋର ଇଚ୍ଛା
କେମିତ ଏ ମନେ ଦେଲୁ ତୁ ଭରସା
ଭୂଲ ଥିଲା କ ମୋ ତୋ ପାଇଁ ବଶ୍ୱାସ
କେମିତ ଜୀବନେ ଭରଦେଲୁ ବଷ
ଅଧାବାଟେ ମୋତେ କରଗଲୁ ଏକା
ପଡ଼ିଗଲା ସବୁ ରଙ୍ଗ ଏଠି ଫିକା
ଫେରଲୁନ ଥରେ ପଛକୁ ତୁ କେବେ
ଜାଣିନୁ ଏ ମନ କେତେ ତତେ ଖୋଜେ
ତୋ ଦୁନଆ ଥିଲା ତୋ ପାଇଁ ବଡ଼
ମୋ ଜୀବନେ କାହିଁ ଆଣି ଦେଲୁ ଝଡ଼
ମୁଁ ଥିଲ ତୋ ପାଇଁ କଛ ଦନ ପାଇଁ
କେମିତ କହଲୁ ସାଥି ହେବା ପାଇଁ
ଥିଲା ଯଦ ମନେ ତୋ ଭଲ ପାଇବା
କେମିତ ବାଛଲୁ ମୋ ଠାରୁ ଦୂରତା

http://www.appsgeyser.com/4368717

# କପର କହବ



ନୃସିଂହ ଚରଣ ବେହେର୍

କ ଗୀତ ଆଉ ମୁଁ ଲେଖିବ ଏଥର

କଲମରେ କାଳ ନାହିଁ,

କାହାଣୀ ଯାହାର ବ ଲେଖିବାର ଥିଲା

ଆଉ ମନେ ପଡୁନାହିଁ ।

ସମୟ ସହିତ ତାଳ ଦେଇ ସିନା

ଅମଡ଼ା ମାଡ଼ି ଗ୍ଲଲ

କପର କହବ ତା ଶେଷଟା କେଉଁଠି

ଅବା ମୁଁ ଥକ ପଡ଼ିବ ।

ଗ୍ଲହୁଁ ଗ୍ଲହୁଁ ମୋର ବେଳ ସରଯାଏ

ଲାଗୁଅଛ କାଲ ପର

ଗର୍ବ ଅହଂକାର ସବୁ ଏଇଠି ରହବ

ଯିବ ଏକା ଏକା ଗ୍ଲଲ ।

ଜୀବନ ପଥରେ ମୁଁ ଏକାକୀ ପଥିକ

ଯିବ ଆଉ କେତେ ଦୂର

ସଂସାରରେ ଥିବା ବାକ ଦାୟିତ୍ୱକୁ

http://www.appsgeyser.com/4368717

କରିବ କେବେ ସମ୍ପୂର୍ଣ୍ଣ ?

ଦଇବ ହାତରେ ମଣିଷ କଣ୍ଢେଇ

ତା' ହାତେ ଭାଗ୍ୟର ଡୋରୀ

ସଂସାରର ଏହ ଅଥଳ ସାଗରେ

ମଣିଷ ସ୍ଥିର ନାଉରୀ ।

ଭୋଇ ନଗର, ଭୁବନେଶ୍ୱର

ଦୂରଭାଷ - ୯୦୯୦୪୫୯୭୪୫

# ସ୍ମୃତ କଥା



ସନାତନ ମହାକୁଡ଼

ମୂଳ ବଙ୍ଗଳା ରଚନା : ମହୁଆ ଇସ୍ଲାମ

ଆଲମାରୀରେ ସଜ୍ଜିତ ରଖା
ଗୋଟେ ଗୋଟେ ଶାଢ଼ୀ
ହାତ ବୁଲାଉ ବୁଲାଉ ଭାବେ...
କାହା ସହ ବେଶି ଭଲ ପାଇବା,
କେଉଁଟାର କାନ୍ଦଣା
କଏ ବେଶି ଜଡ଼ାଇ ରଖେ
କଏ ମାତ୍ର ଦୂରେଇ ରହେ,
କଏ....
କଏ ବେଶୀ ଆବେଗ ଭରା
କଏ ମାତ୍ର ନିମିଷେ ହରା
କଏ ମାତ୍ର ବୁଡ଼ି ମରେ ଅକାଳ ଶ୍ରାବଣ ଧାରେ
ଅଗ୍ନି ହୋଇ କଏ ଜଣେ ଅହର୍ନିଶି...
କଏ ?

ଗ୍ରା/ପୋ : ବେରୁଆଁବାଡ଼ି
ନୟାଗଡ଼, ୭୫୨୦୮୨, ଓଡ଼ିଶା
ଦୂରଭାଷ - ୦୯୩୩୯୭୨୦୧୭୮
ଇମେଲ୍ - sanmahakud@gmail.com

http://www.appsgeyser.com/4368717

# ନିର୍ବାଚନ ଖେଳ



ପ୍ରଶାନ୍ତ କୁମାର ନାଥ

ମିଥ୍ୟା ପ୍ରତିଶୃତ ଦେଇ କେତେ କାହିଁ
ଭୋଟ ନେଉଛ ଲୁଟି
ମିଳିଗଲା ପରେ ଗାଦିଟା ତୁମକୁ
ଧରୁଛ ଆମର ତ୍ରୁଟି ।
ଶାସନ ଗାଦିରେ ବସିଗଲା ପରେ
ସବୁତ ଯାଉଛ ଭୁଲି
କାହା ଘରେ ନାହିଁ ଗୃହ୍ଣିଳ ମୁଠାଏ
ଜଳେନି କାହାର ଚୁଲି ।
ନିର୍ବାଚନ ଯେବେ ପାଖେଇ ଆସଇ
ମଉସା ମାଉସି କହି
ଆଉ ଥରେ ପୁଣି ସମ୍ପର୍କ ଯୋଡୁଛ
ପଖାଳ କଂସାଏ ଖାଇ ।
ଏହିକି ତୁମର ନିର୍ବାଚନ ନୀତି
ଏହାକି ତୁମର ବାଣୀ
ସ୍ୱାର୍ଥଟା ତୁମର ପୁର୍ଣ୍ଣ ହୋଇଗଲେ
କିଛି ପାର ନାହିଁ ଜାଣି ।
ଅପମୃତ୍ୟୁ ଯେତେ ହେଉଥିଲେ ଏଠି
ତୁମେ ଜମା ମାନ ନାହିଁ

http://www.appsgeyser.com/4368717

ରାଜନୀତି ଖେଳ ଖେଳୁଥାଅ କେତେ
ମରା ଶରୀରକୁ ନେଇ ।
ଅମୁକ କରିବ ଧମୁକ କରିବ
ଦିଅହେ ଭୋଟ ଖଣ୍ଡେ
ଭୋଟ ଖଣ୍ଡିକ ନେଇଗଲା ପରେ
ବାଟୁଳି ବାଜେଣି ତୁଣ୍ଡେ ।
ମିଥ୍ୟା ପ୍ରତିଶ୍ରୁତି ମିଛ ଅଭିନୟ
ଜିତି ନିର୍ବାଚନ ବାଜି
ଧନ୍ୟ ରାଜନୀତି ଖେଳ ଖେଳ ତୁମେ
ଏମିତି ଖେଳାଳୀ ସାଜି ।

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩

http://www.appsgeyser.com/4368717

ଆହ୍ୱାନର ଆଗାମୀ ସଂସ୍କରଣ ମାର୍ଚ୍ଚ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରେସିପି, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

<u>ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା</u>

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୬୩ / ୭୦୦୮୫୬୭୦୮୫

http://www.appsgeyser.com/4368717

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନ୍ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧି କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

http://www.appsgeyser.com/4368717

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅଭ୍ର ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

http://www.appsgeyser.com/4368717




ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍‌ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ନମ୍ବର ହେଉଛି :

# 9040985463